**ଆଠଗଡ଼ରୁ ଜଣେ କରୋନା ପଜିଟିଭ ଚିହ୍ନଟ**

ଆଠଗଡ଼, ୮।୪ (ସ୍ୱ.ପ୍ର.): ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ହୋଇଥିବା ଆଣ୍ଟିଜେନ ଟେଷ୍ଟରୁ ଗୁରୁବାର ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେ ହେଲେ ଢେଙ୍କାନାଳ ଜିଲ୍ଲା ଉଆଁହିହ ଗ୍ରାମର ୪୦ ବର୍ଷୀୟ ପୁରୁଷ। ଏଠାରେ ୭୬ ଜଣଙ୍କ ଆଣ୍ଟିଜେନ ଟେଷ୍ଟ ହୋଇଥିବା ବେଳେ ୭୫ ଜଣଙ୍କ ରିପୋର୍ଟ ନେଗେଟିଭ ଆସିଛି। ତେବେ ୫୧ ଜଣଙ୍କ ସ୍ୱାବ ନମୁନା କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି।

# ହଟ୍‌ସ୍ପଟ୍‌ମୁହାଁ ଭୁବନେଶ୍ୱର

ଭୁବନେଶ୍ୱର, ୮।୪(ବ୍ୟୁରୋ)

ଲଗାତର ଭାବେ ରାଜଧାନୀରେ ପୁଣି ଶତକ ଅତିକ୍ରମ କରିଛି ଦୈନିକ ସଂକ୍ରମଣ। କରୋନାର ନୂଆ ଷ୍ଟ୍ରେନ୍ ଭୟଙ୍କର ହେଉଛି। ତଥାପି ଲୋକେ ଅମାନିଆ ହେଉଥିବାରୁ ଭୁବନେଶ୍ୱର କ୍ରମଶଃ ରାଜ୍ୟର ନୂଆ ହଟ୍‌ସ୍ପଟ୍‌ରେ ପରିଣତ ହେବାକୁ ଯାଉଛି। ଗତବର୍ଷ ମାର୍ଚ୍ଚ ମାସରେ ରାଜ୍ୟର ପ୍ରଥମ ଆକ୍ରାନ୍ତ ଭୁବନେଶ୍ୱରରୁ ଚିହ୍ନଟ ହୋଇଥିଲେ। ଏହାପରେ ଧୀରେ ଧୀରେ ଭୁବନେଶ୍ୱର ପାଲଟିଥିଲା କରୋନାର ହଟ୍‌ସ୍ପଟ୍। ଏବେ କରୋନାର ଦ୍ୱିତୀୟ ଲହର ମଧ୍ୟ ସେହି ଦିଗକୁ ଗତି କରୁଥିବା ଦେଖାଯାଉଛି। ସଂକ୍ରମଣରେ ଖୋର୍ଦ୍ଧା ଜିଲ୍ଲା ଏବେ ଶୀର୍ଷରେ ଥିବାବେଳେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ସର୍ବାଧିକ ରହୁଛନ୍ତି। ଭୁବନେଶ୍ୱର ରାଜ୍ୟର ମୁଖ୍ୟ ପ୍ରବେଶ ପଥ ହୋଇଥିବାରୁ ବିମାନ, ରେଳ ଓ ଗାଡ଼ିମୋଟର ଦେଇ ନୂଆ ଷ୍ଟ୍ରେନ୍ ଆସୁଥିବାରୁ ସହରରେ ସ୍ଥିତି ବିଗୁଡୁଛି। ଦିନକୁ ଶହେ ଉପରେ ସଂକ୍ରମଣ ହେଉଥିବାବେଳେ ଗତ ୨୪ଘଣ୍ଟାରେ ଭୁବନେଶ୍ୱରରୁ ୧୦୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୮୮ଜଣ ସ୍ଥାନୀୟ ଆକ୍ରାନ୍ତ ଥିବାବେଳେ ୨୦ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ରହିଛନ୍ତି। କେବଳ ଖଣ୍ଡଗିରିରୁ ୧୧ଜଣ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଭୁବନେଶ୍ୱରରେ ମୋଟ ସଂକ୍ରମିତ ସଂଖ୍ୟା ୩୩,୦୪୩ରେ ପହଞ୍ଚିଛି ଓ ୬୬୯ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ଆଉ ୪ଦିନ ଏସ୍‌ବିଆଇ ମୁଖ୍ୟ କାର୍ଯ୍ୟାଳୟ ସିଲ୍



ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଏସ୍‌ବିଆଇ ମୁଖ୍ୟ କାର୍ଯ୍ୟାଳୟକୁ ଆଉ ୪ଦିନ ପାଇଁ ବିଏମ୍‌ସି ପକ୍ଷରୁ ସିଲ୍ କରାଯାଇଛି। ୧୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ କାର୍ଯ୍ୟାଳୟ। ପୂର୍ବରୁ ବ୍ୟାଙ୍କରୁ ୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ତେଣୁ ୨ଦିନ ପାଇଁ ବ୍ୟାଙ୍କ୍ ସିଲ୍ ହୋଇଥିଲା। ଏବେ ବ୍ୟାଙ୍କର ଆଉ ୧୭ଜଣ କର୍ମଚାରୀ ପଜିଟିଭ୍ ଚିହ୍ନଟ ହେବା ପରେ ପୁଣିଥରେ ବ୍ୟାଙ୍କକୁ ୯୬ଘଣ୍ଟା ସିଲ୍ କରିଦିଆଯାଇଛି। ଲୋକେ ମୁଖ୍ୟ କାର୍ଯ୍ୟାଳୟକୁ ନ ଆସି ଅନ୍‌ଲାଇନରେ କାରବାର କରିବାକୁ କୁହାଯାଇଛି।

### ନାଇଟ୍ କର୍ଫ୍ୟୁ, ଶଟ୍‌ଡାଉନ୍ ଏବେ ନୁହେଁ: ବିଏମ୍‌ସି

ରାଜଧାନୀରେ ନାଇଟ୍ କର୍ଫ୍ୟୁ, ଲକଡାଉନ୍ ଓ ଶଟଡାଉନ୍‌ର ଏବେ ଆବଶ୍ୟକତା ନାହିଁ। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, କରୋନା ମୁକାବିଲା ପାଇଁ ଆମେ ସଜାଗ ରହିଛୁ। ବର୍ତ୍ତମାନ ଆମେ ନାଇଟ କର୍ଫ୍ୟୁ, ଲକଡାଉନ୍ ଓ ଶଟଡାଉନ୍ କଥା ଚିନ୍ତା କରୁନୁ। ଏନ୍‌ଫୋର୍ସମେଣ୍ଟ, ମାଇକ୍ରୋ କଣ୍ଟେନମେଣ୍ଟ ଓ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦେଉଛୁ। ଏନ୍‌ଫୋର୍ସମେଣ୍ଟକୁ କମିଶନରରେଟ ପୋଲିସ ସହ ମିଶି ଆହୁରି ତ୍ୱରାନ୍ୱିତ କରୁଛୁ। ଭୁବନେଶ୍ୱରରେ ବର୍ତ୍ତମାନ ଥିବା ଏକମାତ୍ର କୋଭିଡ୍ ହସ୍ପିଟାଲ ସମ୍ ହସ୍ପିଟାଲରେ ଶଯ୍ୟା ସଂଖ୍ୟା ୧୫୦ ରୁ ୨୫୦କୁ ବୃଦ୍ଧି କରାଯାଇଛି। ପୂର୍ବରୁ ଯେଉଁ ହସ୍ପିଟାଲଗୁଡ଼ିକ ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ସେମାନଙ୍କୁ ଆବଶ୍ୟକସ୍ଥଳେ ପୁଣିଥରେ ନିୟୋଜିତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ଓଡ଼ିଶା ପୋଲିସର ସ୍ପେଶାଲ୍ ଡ୍ରାଇଭ୍ : ୨୪ ଘଣ୍ଟାରେ ୨୫,୭୯୦୦ ଟଙ୍କା ଜରିମାନା

ଅମାନିଆଙ୍କୁ ସାବାଡ କରିବା ପାଇଁ ଓଡିଶା ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ୍ ଜାରି ରହିଛି। ଏଥିଲାଗି ରାଜ୍ୟରେ ବିଭିନ୍ନ ସ୍ଥାନରେ ୧୩୬ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ଏହି ସ୍ୱତନ୍ତ୍ର ଡ୍ରାଇଭ୍‌ର ୭ରୁ ୮ ତାରିଖ ୨୪ ଘଣ୍ଟା ମଧ୍ୟରେ ଓଡିଶା ପୋଲିସ ମୋଟ ୯୪୦୦ଜଣଙ୍କଠାରୁ ୨୫ଲକ୍ଷ ୭ହଜାର ୯୦୦ଟଙ୍କା ଜରିମାନା ଆଦାୟ କରିଛି। ସାମାଜିକ ଦୂରତା ନିୟମ ଉଲ୍ଲଂଘନ କରିଥିବା ୧୦୨୪ଜଣଙ୍କଠାରୁ ୧ଲକ୍ଷ ୨୯ହଜାର ୬୦୦ ଟଙ୍କା ଓ ମାସ୍କ ପିନ୍ଧି ନ ଥିବା ଯୋଗୁ ୮୩୭୬ ଜଣଙ୍କଠାରୁ ୨୩ ଲକ୍ଷ ୭୮ହଜାର ୩୦୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ସ୍ୱତନ୍ତ୍ର ଡ୍ରାଇଭ୍‌ରେ ସମସ୍ତ ଏସ୍‌ପି, କଟକ ଓ ଭୁବନେଶ୍ୱର ଡିସିପିଙ୍କ ସମେତ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସାମିଲ ଅଛନ୍ତି।

## ଉଲ୍ଲଂଘନକାରୀଙ୍କ ଉପରେ କଡ଼ା ଆଭିମୁଖ୍ୟ



ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଜଣେ ଦୋକାନୀକୁ ସଚେତନ କରାଉଛନ୍ତି।

ଭୁବନେଶ୍ୱର,୮।୪(ବ୍ୟୁରୋ)

**୫୭୨ଜଣଙ୍କଠାରୁ ୫୨ହଜାର ଫାଇନ**

ରାଜ୍ୟରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ରାଜଧାନୀରେ ସଂକ୍ରମିତଙ୍କ ସଂଖ୍ୟା ସବୁଠୁ ଅଧିକ ରହିଛି। ସଂକ୍ରମଣକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀରେ କୋଭିଡ୍ ନିୟମ କଡ଼ାକଡ଼ି କରାଯାଇଛି। ସହରରେ ଥିବା ପ୍ରମୁଖ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ସଂସ୍ଥାକୁ କୋଭିଡ୍ ନିୟମ ପାଳନ ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏପରି କି ଉଲଂଘନକାରୀଙ୍କ ଉପରେ କଡ଼ା ଆଭିମୁଖ୍ୟ ପୋଷଣ କରାଯାଉଛି। ଗୁରୁବାର ପୋଲିସ କମିଶନର(ସିପି) ସୌମେନ୍ଦ୍ର ପ୍ରିୟଦର୍ଶୀ ସହରର ଜାଗମରା, ସିଆର୍‌ପି ପ୍ରିୟଦର୍ଶିନୀ ମାର୍କେଟ, ନୟାପଲ୍ଲୀ ଇନ୍ଦ୍ରଧନୁ ମାର୍କେଟ ଓ ଫରେଷ୍ଟ ପାର୍କ ଆଦି ଅଞ୍ଚଳ ବୁଲିବା ସହ ସ୍ଥିତି ପରଖିଛନ୍ତି। ପ୍ରିୟଦର୍ଶୀ ଉଭୟ ଦୋକାନୀ ଓ ଜନସାଧାରଣଙ୍କୁ ମାସ୍କ ପିନ୍ଧିବା, ସାମାଜିକ ଦୂରତା ଆଦି କୋଭିଡ୍ ନିୟମ ମାନିବାକୁ ସଚେତନ କରାଇଛନ୍ତି। ସାମାଜିକ ଦୂରତା ଅବଲମ୍ବନ କରି ନ ଥିବା ୪୦୧ ଓ ମାସ୍କ ପିନ୍ଧି ନ ଥିବା ୧୭୧ ଜଣଙ୍କଠାରୁ ସମୁଦାୟ ୫୨ହଜାର ୧୦୦ଟଙ୍କା ଆଦାୟ କରାଯାଇଛି। ସୂଚନାଯୋଗ୍ୟ, କୋଭିଡ ନିୟମ ପାଳନ ନେଇ ବୁଧବାରଠାରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। କମିଶନରେଟ ପୋଲିସ ପକ୍ଷରୁ ମଧ୍ୟ ଯାଞ୍ଚ ଆରମ୍ଭ ହୋଇଛି।

## ସଂକ୍ଷେପରେ

### ଆର୍‌ଡିସିଙ୍କୁ ଚାଷୀ ମୂଲିଆ ମିଳିତ ସାମ୍ମୁଖ୍ୟର ଦାବିପତ୍ର

**କଟକ ଅଫିସ, ୮।୪:** ଚାଷୀ ମୂଲିଆ ମିଳିତ ସାମ୍ମୁଖ୍ୟ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ଙ୍କୁ ଏକ ଦାବିପତ୍ର ଦିଆଯାଇଛି। କୃଷି ଆଇନ ରଦ୍ଦ କରିବା, ବର୍ଷତମାମ ମଣ୍ଡି ଚାଲୁ ରଖିବା, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ ଓ ମଣ୍ଡି ଜରିଆରେ କୃଷିଜାତ ଦ୍ରବ୍ୟକୁ ସରକାର କିଣିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ତୁରନ୍ତ ଦାବି ପୂରଣ ନ ହେଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଙ୍ଗଠନ ଆବାହକ ଶେଷଦେବ ପାତ୍ର, ସଂଯୋଜକ ଚିତ୍ତରଞ୍ଜନ ମହାନ୍ତି, ଚାଷୀ ନେତା ଦିଗମ୍ବର ମହାପାତ୍ର, ରାଜକିଶୋର ମଲ୍ଲିକ, ଖଗେଶ୍ୱର ସେଠୀ, ଯୁଗଳ ନାୟକ, ସି.ଭି. ଶାସ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

### ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ବିରୋଧରେ ବିକ୍ଷୋଭ

**ଚୌଦ୍ୱାର,୮।୪(ଡି.ଏନ୍.ଏ.):** ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ପ୍ରତିବାଦରେ ଗୁରୁବାର ସିପିଆଇ(ଏମ୍) ତରଫରୁ ଚୌଦ୍ୱାର ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇ(ଏମ୍) ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ବେହେରାଙ୍କ ନେତୃତ୍ୱରେ ବଦ୍ରିନାରାୟଣ ଦାସ, ରମେଶ ବେହେରା, ଡମ୍ବରୁଧର ସାହୁ, ରଶ୍ମି ରଞ୍ଜନ ତ୍ରିପାଠୀ, ମହେନ୍ଦ୍ର ଜେନା, ଚନ୍ଦ୍ର ମୋହନ ମାଝି, ବିପିନ ବିହାରୀ ସାହୁ, ଜ୍ୟୋତ୍ସ୍ନା ଦେହୁରୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

### ଅପହୃତ ଅଟୋ ଡ୍ରାଇଭର ଖୋର୍ଦ୍ଧାରୁ ଉଦ୍ଧାର

**ଭୁବନେଶ୍ୱର, ୮।୪(ବ୍ୟୁରୋ):** ଜଣେ ଅଟୋଚାଳକଙ୍କୁ ମାଡ଼ମାରି ଅପହରଣ କରିନେବା ପରେ ତାଙ୍କୁ ମୁଣ୍ଡ ଜାମିନ୍ ରଖି ପରିବାର ଲୋକଙ୍କୁ ଟଙ୍କା ମାଗୁଥିଲେ। ଅଭିଯୋଗ ପରେ ମୋବାଇଲ୍ ଫୋନ୍ ଟ୍ରାକ୍ କରି ଖଣ୍ଡଗିରି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ନିକଟ ଏକ ଜଙ୍ଗଲରୁ ଗିରଫ କରିବା ସହ ଅପହୃତ ଡ୍ରାଇଭର ପ୍ରେମାନନ୍ଦ ଖୁଣ୍ଟିଆଙ୍କୁ ଉଦ୍ଧାର କରିଛି। ଗିରଫ ଅପହର୍ତ୍ତା ଜଣକ ହେଲେ ପାତ୍ରପଡ଼ା ଅଞ୍ଚଳର ଅଶୋକ ଜେନା। ଘଟଣାରେ ସମ୍ପୃକ୍ତ ଅନ୍ୟ ୩ଜଣ ଅଭିଯୁକ୍ତ ଫେରାର ହୋଇଥିବାରୁ ସେମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି। ଗତ ୨୯ ତାରିଖ ରାତି ପ୍ରାୟ ୮ଟାରେ ପ୍ରେମାନନ୍ଦଙ୍କୁ ଅପହରଣ କରାଯାଇଥିଲା।

### ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ, ଶିଳାନ୍ୟାସ

**ଖୁଣ୍ଟୁଣୀ,୮।୪(ଡି.ଏନ.ଏ.):** ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଠଗଡ଼ ବ୍ଲକ ବ୍ରହ୍ମପୁର ଗ୍ରାମ ତଳସାହିଠାରେ ନବନିର୍ମିତ କୋଠଘର ଉଦ୍‌ଘାଟନ କରିଥିଲେ। ଏଥିସହ ବ୍ରହ୍ମପୁର ବାରୁଣୀ ପଡିଆଠାରେ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନନ୍ତପୁର ସରପଞ୍ଚ ଶୈଳବାଳା ସେଠୀ ସମ୍ମାନିତ ଅତିଥି, ବ୍ରହ୍ମପୁର ଗ୍ରାମ କମିଟି ସଭାପତି ବାବୁରାମ ସ୍ୱାଇଁ, ବଟକିଶୋର ସେଠୀ, ସମିତିସଭ୍ୟ ଚନ୍ଦ୍ରମା ତରାଇ, ଶ୍ରୀକର ଜେନା, ବିକାଶ ବିଶ୍ୱାଳ, ସରୋଜ ପଣ୍ଡା, ବିଜୟ ସାମଲ, ଜାନକିଲତା ନାଏକ ଓ ଆଠଗଡ଼ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ଦଳେଇ ପ୍ରମୁଖ ଯୋଗଦେଇଥିଲେ।

### ମା'ବ୍ରହ୍ମେଇ ଠାକୁରାଣୀଙ୍କ ଘଟ ପରିକ୍ରମା

**ବାଙ୍କୀ,୮।୪(ବି.ପ୍ର):** ବାଙ୍କୀର ମା'ବ୍ରହ୍ମେଇ ଠାକୁରାଣୀଙ୍କ ଘଟ ପରିକ୍ରମା କରାଯାଇ ବିଭିନ୍ନ ଗ୍ରାମରେ ଠାକୁରାଣୀଙ୍କ ଭୋଗଖିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଘଟ କାଳିସି କିଶୋର ଚନ୍ଦ୍ର ରଣାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ରଗଡିଗ୍ରାମସ୍ଥିତ ରାଜଗୁରୁଙ୍କ ଗୃହରୁ ମା'ପ୍ରଥମେ ଭୋଗ ଖାଇବା ପରେ ବିଭିନ୍ନ ଗ୍ରାମକୁ ପରିକ୍ରମା କରିଥିଲେ। ଏହି ଆଧାତ୍ମିକ କାର୍ଯ୍ୟରେ ହ୍ଲାସ ମହାପାତ୍ର,ଅଭୟ ରଣା ଏବଂ ବିକୁନା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ମହାନଦୀର ବାଙ୍କଲରେ ନୂତନ ବ୍ୟାରେଜ୍

କଟକ ସଦର,୮।୪(ଡି.ଏନ୍.ଏ.)

ଛତିଶଗଡ଼ ରାଜ୍ୟରେ ମହାନଦୀ ଉପରେ ଗୋଟିଏ ପରେ ଗୋଟିଏ ନଦୀବନ୍ଧ ଓ ଆନିକଟ ନିର୍ମାଣ ଚାଲିଛି। ଫଳରେ ଓଡ଼ିଶାରେ ପ୍ରବାହିତ ମହାନଦୀରେ ଜଳସଙ୍କଟ ଘନୀଭୂତ ହେବାରେ ଲାଗିଛି। ତେଣୁ ରାଜ୍ୟ ସରକାର

**ଜଳସଙ୍କଟ ଦୂର ପାଇଁ ପ୍ରୟାସ ଆରମ୍ଭ**

ଜଳସଙ୍କଟ ଦୂର ପାଇଁ ସମୁଦ୍ରକୁ ନିର୍ଗତ ହେଉଥିବା ମହାନଦୀର ଜଳକୁ ରୋକିବା ପାଇଁ ବାଙ୍କଲଠାରେ ଏକ ଆନିକଟ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ରାଜ୍ୟ ବୈଷୟିକ କମିଟିର ଅନୁମୋଦନରେ ଉକ୍ତ ଆନିକଟ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ମହାନଦୀ ସାଉଥ ଜଳସେଚନ ଡିଭିଜନ ସୂତ୍ରରୁ ଜଣାପଡ଼ିଛି। ୮୦୦ମିଟର ଲମ୍ବ ଏହି ଆନିକଟରେ ପ୍ରାୟ ୪୫୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରାଥମିକ ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ଯାହାଫଳରେ ପାରାଦୀପ ବନ୍ଦର ଓ ଶିଳ୍ପାଞ୍ଚଳକୁ ଆଉ ଯୋବ୍ରା ଆନିକଟର ଜଳଭଣ୍ଡାର ଉପରେ ସେତେଟା ନିର୍ଭର କରିବାକୁ ପଡ଼ିବ ନାହିଁ। ଏହାଛଡ଼ା କେନ୍ଦ୍ରାପଡ଼ା କେନାଲରୁ ସାଇଫନ ଦ୍ୱାରା କିଶନନଗର ଡେଲାଟ ଅଞ୍ଚଳକୁ ଜଳସେଚନ ବ୍ୟବସ୍ଥା କରାଯାଇଛି। ନୂତନ ଆନିକଟ ଦ୍ୱାରା ଏହି ଅଞ୍ଚଳକୁ ପର୍ଯ୍ୟାପ୍ତ ଜଳ ମଧ୍ୟ ଯୋଗାଇ ଦିଆଯିବ। ଉକ୍ତ ଆନିକଟ ପାଇଁ ଟେଣ୍ଡର ସମ୍ପର୍କରେ ସରକାର ନିଷ୍ପତ୍ତି ଗ୍ରହଣ କରିବେ ବୋଲି ମହାନଦୀ ସାଉଥ ଜଳସେଚନ ଡିଭିଜନର ନିର୍ବାହୀ ଯନ୍ତ୍ରୀ ରାଜେଶ ମହାନ୍ତି କହିଛନ୍ତି।



ବାଙ୍କଲରେ ପ୍ରସ୍ତାବିତ ଆନିକଟ ସ୍ଥଳ।

## ଲୋକଙ୍କୁ ସିଏମ୍‌ସି ଅଫିସ ମନା

କଟକ ଅଫିସ, ୮।୪

କଟକ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ ପକ୍ଷରୁ ଗୁରୁବାର ସିଏମ୍‌ସି କାର୍ଯ୍ୟାଳୟ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶାନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶାନାମା ଅନୁଯାୟୀ ସିଏମ୍‌ସି କାର୍ଯ୍ୟାଳୟକୁ ଜନସାଧାରଣ ପ୍ରବେଶ କରିପାରିବେ ନାହିଁ। ଅତି ଜରୁରୀ ସ୍ଥଳେ ଅନୁମତି ନେବାକୁ ପଡ଼ିବ। ସାଧାରଣ ବୈଠକ ପରିବର୍ତ୍ତେ ଭର୍ଚୁଆଲ ବୈଠକ କରାଯାଇପାରିବ। କାର୍ଯ୍ୟାଳୟ ପରିସରରେ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ମାସ୍କ ପରିଧାନ ସହ ସାମାଜିକ ଦୂରତା ରକ୍ଷା କରିବା, ହାତ ସାନିଟାଇଜେଶନ କରିବାକୁ ଉକ୍ତ ନିର୍ଦ୍ଦେଶାନାମାରେ ଉଲ୍ଲେଖ ରହିଛି।

## ଗ୍ରାମବାସୀଙ୍କ ବନ ବିଭାଗ କାର୍ଯ୍ୟାଳୟ ଘେରାଉ

ଆଠଗଡ଼, ୮।୪ ( ସ୍ୱ.ପ୍ର.)

ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ତରଡିଙ୍ଗ ଗ୍ରାମରେ ହାତୀ ଆକ୍ରମଣରେ ଗୁରୁବାର ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ବେଣୁଧର ସାହୁଙ୍କ ପୁଅ ତ୍ରିଲୋଚନ ସାହୁ (୪୫)। ତାଙ୍କୁ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ କ୍ଷତିପୂରଣ ଦାବି ଓ ବନାଞ୍ଚଳ ଅଧିକାରୀଙ୍କ ଦୁର୍ବ୍ୟବହାର ବିରୋଧରେ ଗ୍ରାମବାସୀ ଆଠଗଡ଼ ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ତୁରନ୍ତ ଏନେଇ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ସାଢ଼େ ପାଞ୍ଚଟା ସମୟରେ ବେଣୁଧର ଓ ତ୍ରିଲୋଚନଙ୍କ ସମେତ ଅନ୍ୟ ୨ ଜଣ କ୍ଷେତରେ ମୁଗ ଓପାଡୁ ଥିଲେ। ଏହି ସମୟରେ ପଛ ପଟୁ ଏକ ହାତୀ ଆସି ବେଣୁଧରଙ୍କୁ ଆକ୍ରମଣ କରିଥିଲା। ଅନ୍ୟମାନେ ଖସିଯାଇଥିବା ବେଳେ ତ୍ରିଲୋଚନ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଆଖପାଖ ଲୋକଙ୍କ ପାଟି ଶୁଣି ହାତୀଟି ତ୍ରିଲୋଚନଙ୍କୁ ଗୁରୁତର ଅବସ୍ଥାରେ ଛାଡି ପଳାଇଥିଲା। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ତୁରନ୍ତ ଆଠଗଡ଼ ବନାଞ୍ଚଳ ଅଧିକାରୀଙ୍କୁ ଖବର ଦିଆଯାଇଥିଲା। ମାତ୍ର ବିଭାଗ ପକ୍ଷରୁ କୌଣସି ଅଧିକାରୀ ଅବା କର୍ମଚାରୀ ଘଟଣାସ୍ଥଳକୁ ଯାଇ ନଥିଲେ। ଏଥିସହ ସମ୍ପୃକ୍ତ ଅଧିକାରୀ ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାର ପ୍ରତିବାଦ କରିବା ସହ ଗ୍ରାମବାସୀ କ୍ଷତିପୂରଣ ଦାବି କରିଥିଲେ। ଏ ସମ୍ପର୍କରେ ଆଠଗଡ଼ ରେଞ୍ଜ ଅଧିକାରୀ ଆଇଶା ଅଖତରୀ ନିଶା କହିଛନ୍ତି, ଗୁରୁତର ବ୍ୟକ୍ତିଙ୍କ ସମ୍ପର୍କରେ ତାଙ୍କୁ କୌଣସି ସୂଚନା ମିଳିନାହିଁ। ଏପରିକି ସେ ଗୁରୁତରଙ୍କ ନାମ ମଧ୍ୟ ଜାଣିନାହାନ୍ତି। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



କ୍ଷତିପୂରଣ ଦାବିରେ ଗ୍ରାମବାସୀ ବନବିଭାଗ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ହାତୀ ଆକ୍ରମଣରେ ଜଣେ ଗୁରୁତର**





ଏସ୍‌ସିବି ନର୍ସିଂ କଲେଜ ଅଧକ୍ଷାଙ୍କ ବଦଳି ଦାବିରେ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

## ସର୍ବେଶ୍ୱରଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବି

କଟକ ଅଫିସ, ୮।୪

ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ହତ୍ୟାକାରୀଙ୍କୁ ଗିରଫ ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଗୁରୁବାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ଡିଜିପିଙ୍କ ଉଦ୍ଦେଶ୍ୟରେ ଏଡିଜିପି ଯଶୱନ୍ତ ଜେଠୱାଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଉଲ୍ଲେଖ ହେଇଛି, ଯାଜପୁର ଜିଲାର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲଘୁଖଣିଜ ସମ୍ପଦ ଲୁଟ୍, ରାଶନ କାର୍ଡ, ଆବାସ ଯୋଜନା ଆଦିରେ ଦୁର୍ନୀତି ନେଇ ଲୋକାୟୁକ୍ତ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ବେହୁରାଙ୍କୁ ଗତ ୨୭ ତାରିଖରେ ହତ୍ୟା କରାଯାଇଛି। ଏଣୁ ଅଭିଯୁକ୍ତମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଓଡ଼ିଶା ସୂଚନା ଅଧିକାର ଅଭିଯାନ ଦାବି କରିଛି। ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ କଟକ ଜିଲା ସଂଯୋଜକ ଜିତେନ୍ଦ୍ର ସାହୁ, ଉପଦେଷ୍ଟା ସୁଧିର ମହାନ୍ତି, ବିନ୍ଦୁ ମହାନନ୍ଦ, ସଂଯୁକ୍ତା ପାଣିଗ୍ରାହୀ, ପ୍ରିୟବ୍ରତ ଗଡନାୟକ, କେଦାର ସାହୁ, ଭୀମସେନ ବିଶ୍ୱାଳ, ପ୍ରକାଶ ସାମଲ, ରଞ୍ଜୁଲତା ମହାପାତ୍ର ପ୍ରମୁଖ ଘେରାଉ ରେ ସାମିଲ ଥିଲେ।

## 'ଜ୍ଞାନ ଆହରଣର କୌଣସି ସୀମା ନାହିଁ'

ସାଲେପୁର,୮।୪(ଡି.ଏନ୍.ଏ.)

ଆଇନମନ୍ତ୍ରୀ ପ୍ରତାପ ଜେନା ଓ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଗୁରୁବାର ସାଲେପୁର ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର କରିଛନ୍ତି। ପ୍ରଥମେ ସାଲେପୁର ହାଇସ୍କୁଲରେ ପହଞ୍ଚି ପ୍ରାୟ ୪୦ଲକ୍ଷ ଟଙ୍କା ବ୍ୟୟରେ ନବୀକରଣ କରାଯାଇଥିବା ଅଡିଟୋରିୟମ୍ ହଲ୍ ଓ ହାଇସ୍କୁଲ ପରିସରରେ ନିର୍ମାଣ କରାଯାଇଥିବା ବିଜ୍ଞାନ ପ୍ରୟୋଗଶାଳାକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ବିଧାୟକ ପ୍ରଶାନ୍ତ ବେହେରା ଅଧକ୍ଷତା କରିଥିଲେ। ଏହି ଅବସରରେ ମନ୍ତ୍ରୀ ସାହୁ କହିଥିଲେ, ଜ୍ଞାନ ଆହରଣର କୌଣସି ସୀମା ନାହିଁ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ଜ୍ଞାନ ଆହରଣ କରିବା ଉଚିତ୍। ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ହାଇସ୍କୁଲ ଆଲୁମିନି ଆସୋସିଏଶନ୍‌ର ସଭାପତି ମିହିର କୁମାର ଜେନା, ସମ୍ପାଦକ ତ୍ରିଲୋଚନ ଶତପଥୀ, କମଳାକାନ୍ତ ପତି, ଶିଶିର କୁମାର ଦାଶ, ସାଲେପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋରଞ୍ଜନ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସାଲେପୁର ସ୍ୱୟଂଶାସିତ କଲେଜରେ ପହଞ୍ଚି ୭କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଶୈକ୍ଷିକ ଭବନ, ଛାତ୍ରାବାସ, ପ୍ରାଣୀବିଜ୍ଞାନ ବିଭାଗର ନବୀକରଣ ଓ ଫନି ସହାୟତାରେ କଳା ଓ ବାଣିଜ୍ୟ ବିଭାଗର ନୂତନ ଗୃହ ନିର୍ମାଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିରେ

ସାଲେପୁର କଲେଜ ପରିଚାଳନା କମିଟି ସଭାପତି ବିଜୟ ଖଣ୍ଡାୟତରାୟ, ବ୍ଲକ ଉପାଧକ୍ଷ ରମେଶ ଜେନା, ଜିଲା ପରିଷଦ ସଭ୍ୟ ଅଶୋକ ଭୂୟାଁ, ଜିଲାପରିଷଦ ସଭ୍ୟ ଶୁଭାଶିଷ ପ୍ରଧାନ, ବିଜେଡି କାର୍ଯ୍ୟକାରିଣୀ ସଭାପତି ନାରାୟଣ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଲସି ଦୋକାନକୁ ମାଡ଼ିଗଲା ଟ୍ୟାଙ୍କର

କଟକ ଅଫିସ, ୮।୪

ଜଗତପୁର ଥାନା ଅନ୍ତର୍ଗତ ପୀରବଜାରଠାରେ ଗୁରୁବାର ଏକ ଲସି ଦୋକାନକୁ ତେଲ ଟ୍ୟାଙ୍କର ମାଡ଼ିଯିବାରୁ ଜଣେ ଗ୍ରାହକଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ଲସି ଦୋକାନଟି ଭାଙ୍ଗିପଡ଼ିଥିଲେ ମଧ୍ୟ ଦୋକାନୀ ଜଣକ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେରଙ୍କ ସୂଚନା ଅନୁଯାୟୀ, ଜଗତପୁର ପୀରବଜାର ବହିରପୁର ଅଞ୍ଚଳରେ ଏକ ଲସି ଦୋକାନ ରହିଛି। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ କେତେଜଣ ଗ୍ରାହକ ଏହି ଦୋକାନରେ ଲସି ପିଉଥିଲେ। ଏହି ସମୟରେ ଏକ ଖାଲି ତେଲ ଟ୍ୟାଙ୍କର ନିୟନ୍ତ୍ରଣ ହରାଇ ଏହି ଲସିଦୋକାନକୁ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ଜଗତପୁର ସୁରମଠ କଲୋନୀର ଶୁଭଜିତ୍ ସାହୁ(୩୫)ଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୩ଜଣ ତ୍ରିଲୋଚନପୁର ଅଞ୍ଚଳର ସସ୍ମିତା ରାଉତ(୪୫), ଅନସୂୟା ବରାଳ(୪୦) ଓ ଜଗତ୍‌ସିଂହପୁର ରାହାମା ଅଞ୍ଚଳର ଇନ୍ଦ୍ରଜିତ୍ ସାହୁ(୨୪) ଗୁରୁତର ଆହତ ହୋଇଥିଲେ। ଏମାନଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବିକୁ ପଠାଯାଇଥିଲା। ସେଠାରେ ସେମାନଙ୍କ ଚିକିତ୍ସା ଜାରି ରହିଛି। ଏ ନେଇ ଜଗତପୁର ଥାନାରେ ଏକ କେସ୍ (ନଂ. ୧୪୦/ ୨୧) ରୁଜୁ କରାଯିବା ସହ ଉକ୍ତ ଟ୍ୟାଙ୍କରକୁ ଜବତ କରାଯାଇଛି। ତେବେ ଦୁର୍ଘଟଣା ପରେ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଥିବା ଥାନା ଅଧିକାରୀ ମେହେର କହିଛନ୍ତି।



ଟ୍ୟାଙ୍କର ମାଡ଼ିଯାଇଥିବାରୁ ଭାଙ୍ଗିଯାଇଥିବା ଦୋକାନ।

**ଜଣେ ଗ୍ରାହକ ମୃତ, ୩ ଗୁରୁତର**

## ୮୦ଜଣଙ୍କଠାରୁ ୮,୨୦୦ ଜରିମାନା ଆଦାୟ

ନିମାପଡ଼ା,(ଡି.ଏନ୍.ଏ.)- କରୋନା ସଂକ୍ରମଣ ରୋକିବା ଦିଗରେ ନିମାପଡ଼ା ପୋଲିସ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି। କଟକଣା ମାନିବା ସହ ମାସ୍କ ପିନ୍ଧିବା ନେଇ ଲୋକଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଉଛି। ବୁଧବାର, ଗୁରୁବାର ସ୍ଥାନୀୟ ବଡ଼ବଜାର, ଦୋଳବେଦୀ ଛକ, ଜୟଶ୍ରୀ ଛକ ଆଦି ଅଞ୍ଚଳରେ ପୋଲିସ ପକ୍ଷରୁ ମାସ୍କ ଚେକିଂ କରାଯାଇ ୮୦ଜଣ ଅମାନିଆ ତଣ୍ଡ ଗଣିଛନ୍ତି। ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ସେମାନଙ୍କଠାରୁ ୮ହଜାର ୨ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗକୁ ଏହି ଚେକିଂ ଆହୁରି କଡ଼ାକଡ଼ି ହେବ ବୋଲି ଆଇଆଇସି ଜନାର୍ଦ୍ଦନ ପାଢ଼ୀ, ଏସ୍ଆଇ ମମତା ବିଶ୍ୱାଳ କହିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୮.୦୪.୨୦୨୧

| | |
|---|---|
| ୨,୪୬,୫୭୨ ଟଙ୍କା | |
| ସୁନା | ୪୦ ମିଲିଗ୍ରାମ |
| ରୁପା | ୨୯.୫୦୦ଗ୍ରାମ |

## ଆଜି କ'ଣ କେଉଁଠି

**ସାକ୍ଷୀଗୋପାଳ**

- ବାଲୁଙ୍କେଶ୍ୱରଙ୍କ ଘର ବାହୁଡ଼ା ଓ ଅଧରପଣା ଲାଗି,ବରାଳ – ବଳପୁର ରାସ୍ତାର ବିଭୂତି ବାଟିକା, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଯୁବତୀଙ୍କୁ ବ୍ୟାଗ, ପର୍ସ ଫେରାଇଲେ ଆର୍‌ପିଏଫ୍ କର୍ମଚାରୀ

ପୁରୀ ଅଫିସ, ୮।୪: ଟ୍ରେନରେ ନିଜ ବ୍ୟାଗ ଓ ପର୍ସ ହଜାଇ ଦେଇଥିବା ଜଣେ ଯୁବତୀଙ୍କୁ ପୁରୀ ଆର୍‌ପିଏଫ୍ କର୍ମଚାରୀ ଏସବୁ ଫେରାଇ ମାନବିକତାର ପରିଚୟ ଦେଇଛନ୍ତି। ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ୍ ଜିଲା ଅଧୀନ ଚାଇଁବାସାର ରେଣୁ କୁମାରୀ ନାଗ ଏକ ପରୀକ୍ଷା ଦେବା ପାଇଁ ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ ଯୋଗେ ବୁଧବାର ଭୁବନେଶ୍ୱରକୁ ଆସିଥିଲେ। ତେବେ ସେ ବସିଥିବା କୋଚ୍‌ରେ ନିଜର ସମସ୍ତ ଶିକ୍ଷାଗତ ସାର୍ଟିଫିକେଟ, ବ୍ୟାଙ୍କ କାଗଜପତ୍ର, ଆଧାର କାର୍ଡ ଥିବା ଏକ ଏୟାର ବ୍ୟାଗ ଏବଂ ୨୭୦୦ ଟଙ୍କା ଥିବା ପର୍ସ ଛାଡ଼ିଦେଇଥିଲେ। ଟ୍ରେନ ପୁରୀରେ ପହଞ୍ଚିବା ପରେ ଆର୍‌ପିଏଫ୍ ଥାନା ଆଇଆଇସି ଅନିଲ କୁମାର ସିଂ ଏବଂ ଏଏସ୍‌ଆଇ ଅନିଲ କୁମାର ମହାନ୍ତି ଯାଞ୍ଚ ସମୟରେ ଉକ୍ତ ଏୟାର ବ୍ୟାଗ ଓ ପର୍ସ ପାଇଥିଲେ। ସେମାନେ ରେଣୁଙ୍କୁ ଫୋନ୍ କରି ପୁରୀ ଡକାଇ ବ୍ୟାଗ ଓ ପର୍ସ ଫେରାଇ ଦେଇଛନ୍ତି। ଏଥିଲାଗି ଉକ୍ତ କର୍ମଚାରୀ ଦ୍ୱୟଙ୍କୁ ରେଣୁ ପ୍ରଶଂସା କରିଛନ୍ତି।

### ଦୋକାନୀଙ୍କୁ ସଚେତନ କଲେ ଏସ୍‌ପି

ପୁରୀ ଅଫିସ, ୮।୪- ପୁରୀରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଜିଲା ପ୍ରଶାସନ ପକ୍ଷରୁ କଟକଣାକୁ କଡ଼ାକଡ଼ି କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଏସ୍‌ପି କନୱର ବିଶାଲ ସିଂହ ବଡ଼ଦାଣ୍ଡରେ ବୁଲି ବୁଲି କ୍ଷୁଦ୍ର ଓ ଉଠାଦୋକାନୀଙ୍କୁ କୋଭିଡ୍ ଗାଇଡ୍‌ଲାଇନ ସମ୍ପର୍କରେ ସଚେତନ କରାଇବା ସହ ଶପଥ ପାଠ କରାଇଛନ୍ତି। କୋଭିଡ୍ ନିୟମ ମାନିବାକୁ ଏସ୍‌ପି ସମସ୍ତ ବ୍ୟବସାୟୀଙ୍କୁ ପରାମର୍ଶ ଦେଇଛନ୍ତି। ଦୋକାନ ଆଗରେ ଧଳା ଚିହ୍ନିତ ଗୋଲାଇ ବୁଲାଇ ଗ୍ରାହକଙ୍କୁ ସାମାଜିକ ଦୂରତା ରଖି ଛିଡ଼ା ହେବାକୁ କହିବା, ମାସ୍କ ପିନ୍ଧିବା ଓ ହାତ ସାନିଟାଇଜେଶନ କରିବାକୁ ଏସ୍‌ପି ବୁଝାଇଥିଲେ। ସେହିପରି ବିଭିନ୍ନ ଥାନା, ସମୁଦ୍ରକୂଳ ଓ ଶ୍ରୀମନ୍ଦିର ଅଞ୍ଚଳରେ ମାସ୍କ ଚେକିଂ କଡ଼ାକଡ଼ି କରାଯାଇଛି। ମାସ୍କ ପିନ୍ଧି ନ ଥିବା ୫୭୩ ଜଣ ବ୍ୟକ୍ତିଙ୍କଠାରୁ ୬୩ ହଜାର ୮୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

### ମାସ୍କ ଚେକିଂ କଡ଼ାକଡ଼ି

ବଳଙ୍ଗା,୮।୪(ଡି.ଏନ୍.ଏ): ବଳଙ୍ଗା ସାତଶଙ୍ଖ ରାସ୍ତାର ଭାର୍ଗବୀ ବ୍ରିଜ ଉପରେ ବଳଙ୍ଗା ଥାନା ଅଧିକାରୀ ସମରେନ୍ଦ୍ର ପାଇକରାୟ ପୋଲିସ ଟିମ୍ ସହ ମାସ୍କ ଚେକିଂ କରି ଜରିମାନା ଆଦାୟ କରିଛନ୍ତି। ବଳଙ୍ଗା ବଜାର ଓ ସାପ୍ତାହିକ ହାଟଗହଳି ରୋକିବା ନିମନ୍ତେ ମାସ୍କ ଚେକିଂ ଓ ସାମାଜିକ ଦୂରତ୍ୱ ପ୍ରତି କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବା ନେଇ ଥାନାଧିକାରୀଙ୍କ ସୂତ୍ରରୁ ଜଣାପଡିଛି।

# ଯମେଶ୍ୱର ମନ୍ଦିର ଅବହେଳିତ

- ମହାପ୍ରଭୁଙ୍କ ହିସାବ ରକ୍ଷକ ଯମେଶ୍ୱର
- ନୀତିକାନ୍ତି ପାଇଁ ସମ୍ବଳ ନାହିଁ

ପୁରୀ ଅଫିସ, ୮।୪:

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହିସାବକିତାବ ଦାୟିତ୍ୱ ଶ୍ରୀମନ୍ଦିର ପ୍ରଶାସନ ବୁଝିଥାଏ। ଅର୍ଥାତ ପ୍ରତିବର୍ଷ ଶ୍ରୀମନ୍ଦିର ପ୍ରଶାସନ ବଜେଟ୍ ଉପସ୍ଥାପନ କରି ଆୟବ୍ୟୟ ଦର୍ଶାଇଥାଏ। ସେହିଭଳି ପରମ୍ପରା ଅନୁଯାୟୀ, ପ୍ରଭୁ ଯମେଶ୍ୱର ହେଉଛନ୍ତି ଶ୍ରୀମନ୍ଦିରର ହିସାବ ରକ୍ଷକ। ସେ ବର୍ଷକୁ ଥରେ ମହାପ୍ରଭୁଙ୍କୁ ସମସ୍ତ ହିସାବ ଦିଅନ୍ତି। ପ୍ରଭୁ ଲୋକନାଥ ଯେପରି ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ, ସେହିଭଳି ପ୍ରଭୁ ଯମେଶ୍ୱର ହିସାବ ରକ୍ଷକ ବୋଲି କେଉଁ ଅନାଦି କାଳରୁ ପରମ୍ପରା ଚାଲି ଆସିଛି। ପ୍ରଭୁ ଯମେଶ୍ୱରଙ୍କ ପ୍ରତିନିଧିତ୍ୱ କରି ସେବାୟତମାନେ ମହାପ୍ରଭୁଙ୍କ ପାଖରେ ବର୍ଷକୁ ଥରେ ଉତ୍ସବ ଓ ନୀତିକାନ୍ତି ସମ୍ପର୍କରେ ବିବରଣୀ ରଖିଥାନ୍ତି। ଜଗନ୍ନାଥ ପରମ୍ପରାରେ ପ୍ରଭୁ ଯମେଶ୍ୱରଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ତାଙ୍କ ମନ୍ଦିର ପ୍ରତି ପ୍ରଶାସନିକ ଅବହେଳା କରାଯାଉଛି। ଏହି ମନ୍ଦିରର ବିକାଶ ପାଇଁ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ଜିଲା ପ୍ରଶାସନ ପଦକ୍ଷେପ ନେଉନାହିଁ। ପୁରୀ ଜିଲା ବ୍ରହ୍ମଗିରିର ଦଣ୍ଡୁଆସିପଡ଼ା ଗ୍ରାମରେ ପ୍ରଭୁ ଯମେଶ୍ୱରଙ୍କ ଜମି ରହିଛି। ଏହାକୁ ଭୋଗ କରୁଥିବା ଗ୍ରାମବାସୀ ଦିନକୁ ମାତ୍ର ୧କିଲୋ ଚାଉଳ ଯମେଶ୍ୱର ମନ୍ଦିରକୁ ଦେଇଥାନ୍ତି। ପ୍ରଭୁ ଯମେଶ୍ୱରଙ୍କ ଜମାଖାତାରେ ୧ ଲକ୍ଷ ୨୦ ହଜାର ଟଙ୍କା ଥିବାବେଳେ ଏଥିରୁ ମିଳୁଥିବା ମାସିକ ୭୫୦ ଟଙ୍କା ସୁଧରେ ନୀତିକାନ୍ତି ହୋଇଥାଏ। ଓଡ଼ିଶା ଐତିହ୍ୟ ସଂରକ୍ଷଣ ପରିଷଦ ସଭାପତି ବିଭୁପ୍ରସାଦ ତ୍ରିପାଠୀ ଶ୍ରୀଜଗନ୍ନାଥ ଉପାସନାରେ ପଞ୍ଚ ଶିବଙ୍କ ଭୂମିକା ଉପରେ ଆଲୋକପାତ କରିଛନ୍ତି। ଶ୍ରୀମନ୍ଦିରରେ ହରିହର ଭେଟ ପରମ୍ପରା ହେଉଛି ଶିବ ଉପାସକ ଓ ବିଷ୍ଣୁ ଉପାସକଙ୍କ ପାଇଁ ଏକତାର ବାର୍ତ୍ତା ବୋଲି ଐତିହ୍ୟ ବିଶାରଦ ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି। ଯମେଶ୍ୱର ଜ୍ୟେଷ୍ଠ ଭାବେ ପୂଜ୍ୟ। ଯମେଶ୍ୱର ମନ୍ଦିର ପୁରୀର ଏକମାତ୍ର ମନ୍ଦିର ଯେଉଁଠାରେ ଦତ୍ତାତ୍ରେୟଙ୍କ ବିଗ୍ରହ ରହିଛି। ଦତ୍ତାତ୍ରେୟ ଶ୍ରୀ ମନ୍ତ୍ରର ଦ୍ରଷ୍ଟା। ଶ୍ରୀଉପାସନାର ପ୍ରଚାର ପ୍ରସାର ପାଇଁ ମହର୍ଷି କଣ୍ବ ନିଜ ଶିଷ୍ୟ ପର୍ଶୁରାମଙ୍କୁ ଆଦେଶ ଦେଇଥିଲେ। ସେବେଠାରୁ ଶ୍ରୀଉପାସନାର କ୍ଷେତ୍ର ଭାବେ ଶ୍ରୀକ୍ଷେତ୍ର ଓ ଶ୍ରୀ ଉପାସନାର ମନ୍ଦିର ଭାବେ ଶ୍ରୀମନ୍ଦିର ବିଶ୍ୱବିଦିତ।



ଯମେଶ୍ୱର ମନ୍ଦିରରେ ଥିବା ହରିହର ମୂର୍ତ୍ତି।

ଶ୍ରୀରାମଚନ୍ଦ୍ରଙ୍କ ସହ ଯମେଶ୍ୱର ମନ୍ଦିରର ସମ୍ପର୍କ ଏଠାରେ ଦେଖିବାକୁ ମିଳେ। ଶ୍ରୀମନ୍ଦିର ଭୋଗମଣ୍ଡପର ବାମପଟେ ଶ୍ରୀରାମଚନ୍ଦ୍ର ଓ ଦେବୀ ସୀତାଙ୍କ ପଥର ବିଗ୍ରହ ପୂଜା ପାଉଛନ୍ତି। ବୃଷଭଙ୍କ ସହ ଗରୁଡ଼ ଏକତ୍ର ସ୍ଥାନ ପାଇଛନ୍ତି। ବେଢ଼ାରେ ଶ୍ରୀରାମଙ୍କ ପାଦପଦ୍ମ ପୂଜିତ ହେଉଛନ୍ତି। ଉତ୍ତର ରାମାୟଣରେ ବର୍ଣ୍ଣିତ ଥିବା ଘଟଣା ସହ ଏହା ସମ୍ପର୍କିତ ଥିବା ଭଳି ମନେ ହୁଏ। ଏସବୁ ଦୃଷ୍ଟିରୁ ଐତିହ୍ୟସମ୍ପନ୍ନ ଯମେଶ୍ୱର ମନ୍ଦିରର ସଂରକ୍ଷଣ ଓ ବିକାଶ ଜରୁରୀ ହୋଇପଡ଼ିଛି ବୋଲି ଐତିହ୍ୟ ବିଶାରଦ ସୁରେନ୍ଦ୍ର କୁମାର ମିଶ୍ର ଏବଂ ପରିଷଦ ସଭାପତି ବିଭୁ ପ୍ରସାଦ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। ସରକାରୀ ଅନୁଦାନ ଯୋଗାଇଦେବା ସହ ମନ୍ଦିର ବିକାଶ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି। ତେବେ ଏନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# କଟକଣାରେ ହେବ ସାହିଯାତ

**୫୦ ଜଣରୁ ଅଧିକ ଲୋକଙ୍କୁ ମନା**

ପୁରୀ ଅଫିସ,୮।୪:

ଆଗାମୀ ରାମନବମୀଠାରୁ ଆରମ୍ଭ ହେବାକୁ ଥିବା ପୁରୀ ସାହିଯାତକୁ କଟକଣା ମଧ୍ୟରେ କରାଯିବ। ପ୍ରତ୍ୟେକ ସାହିରେ କେବଳ ୫୦ଜଣ ସଦସ୍ୟଙ୍କୁ ନେଇ ସାହିଯାତ ଆୟୋଜନ ହେବ। ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି କୋଭିଡ୍ କଟକଣା ପାଳନ କରାଇବେ। ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହେବ। ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏ ସଂକ୍ରାନ୍ତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ୭ ସାହି ଆଖଡ଼ାର ସଭ୍ୟମାନେ ଯୋଗଦେଇଥିଲେ। ବୈଠକ ପରେ ଜିଲାପାଳ କହିଛନ୍ତି, ସାହିଯାତ ଶ୍ରୀକ୍ଷେତ୍ର ପରମ୍ପରାର ଏକ ପ୍ରମୁଖ ଉତ୍ସବ। ଏହାକୁ ଚଳିତ ବର୍ଷ କୋଭିଡ୍ କଟକଣା ମଧ୍ୟରେ କରାଯିବ। ଏଥର ସାହିଯାତରେ କେବଳ ୫୦ଜଣ ବ୍ୟକ୍ତିବିଶେଷଙ୍କୁ ସାମିଲ ହେବାକୁ ଅନୁମତି ମିଳିବ। ସେମାନଙ୍କ ସହଯୋଗରେ ସାହିଯାତ ଆୟୋଜନ ଓ ନୀତିକାନ୍ତି ସମ୍ପାଦନ ହେବ। କେଉଁ ବ୍ୟକ୍ତିମାନେ ସାହିଯାତରେ ସାମିଲ ହେବେ ସେନେଇ ଉପଜିଲାପାଳ ଭବତାରଣ ସାହୁ ତାଲିକା ପ୍ରସ୍ତୁତ କରିବେ। ପ୍ରଶାସନ ପକ୍ଷରୁ କଟକଣାଯୁକ୍ତ ସାହିଯାତ ନିଷ୍ପତ୍ତିକୁ ୭ ସାହିର ସଦସ୍ୟମାନେ ସ୍ୱାଗତ କରିଥିବା ଜିଲାପାଳ କହିଛନ୍ତି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ମଧ୍ୟ ୭ ସାହି ଆଖଡ଼ାର ସଦସ୍ୟମାନଙ୍କ ସହ ଆଲୋଚନା କରିଛନ୍ତି।

# ସମୁଦ୍ରରେ ବୁଡ଼ିଯିବାବେଳେ ୩ ଉଦ୍ଧାର

ପୁରୀ ଅଫିସ, ୮।୪

ସମୁଦ୍ରରେ ସ୍ନାନ ବେଳେ ବୁଡ଼ିଯାଉଥିବା ୩ଜଣ ବ୍ୟକ୍ତିଙ୍କୁ ଗୁରୁବାର ଲାଇଫଗାର୍ଡ ଉଦ୍ଧାର କରିଛନ୍ତି। ଉଦ୍ଧାର ହୋଇଥିବା ବ୍ୟକ୍ତିମାନେ ହେଲେ ବାଲେଶ୍ୱର ସୋର ଅଞ୍ଚଳର ଗୌତମ ସେଠୀ, ଜୀବନ କୁମାର ଦାସ ଏବଂ ପଶ୍ଚିମବଙ୍ଗ ହାୱଡ଼ା ଦାସନଗର ଅଞ୍ଚଳର ଶିଶିର ମାନ୍ନା। ଗୌତମ ଓ ଜୀବନ ସେକ୍ଟର-୨ ଦିଗ୍‌ବାରେଣୀ ଛକ ସମ୍ମୁଖ ବେଳାଭୂମିରେ ଗାଧୋଉଥିବା ସମୟରେ ଭାସିଯାଇଥିଲେ। ସେହିପରି ଶିଶିର ସେକ୍ଟର-୧୩ କାମେଲିଆ ହୋଟେଲ ସମ୍ମୁଖ ବେଳାଭୂମିରେ ଗାଧୋଉଥିବାବେଳେ ଭାସିଯାଇଥିଲେ। ତେବେ ବେଳାଭୂମିରେ କାର୍ଯ୍ୟରତ ଲାଇଫଗାର୍ଡମାନେ ତୁରନ୍ତ ସମୁଦ୍ରରୁ ଉକ୍ତ ୩ଜଣଙ୍କୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।





ବିଦ୍ୟୁତ୍ ଦର ବୃଦ୍ଧିକୁ ବିରୋଧ କରି ସିପିଆଇ(ଏମ୍) ପୁରୀ ଶାଖା ପକ୍ଷରୁ ଗୁରୁବାର କଚେରିରୋଡସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଦେବ ନୀତିରେ ସୀମିତ ରହିଲା ସାଗରସ୍ନାନ

**ଭାର୍ଗବୀରେ ମହା ବାରୁଣୀଯୋଗ**

ସାକ୍ଷୀଗୋପାଳ,୮।୪(ଡି.ଏନ୍.ଏ.)

ପୁଣ୍ୟତୋୟା ଭାର୍ଗବୀ ନଦୀରେ ବାରୁଣୀସ୍ନାନ ପାଇଁ ସାକ୍ଷୀଗୋପାଳ ଅଞ୍ଚଳର ବଳପୁର ଭୃଗୁଘାଟ ଓ ସୁଆଣ୍ଡୋରେ ସାଗର ସ୍ନାନଯାତ୍ରା ପରମ୍ପରାକ୍ରମେ ଗୁରୁବାର ଅନୁଷ୍ଠିତ ହୋଇଛି। ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ଶତଭିଷା ନକ୍ଷତ୍ର ତିଥିରେ ଭାର୍ଗବୀରେ ମହାବାରୁଣୀ ଯୋଗରେ ଶ୍ରଦ୍ଧାଳୁମାନେ ବିଗତ ବର୍ଷପରି ଚଳିତବର୍ଷ ବୁଡ଼ ପକାଇବା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ କମ ସଂଖ୍ୟକ ସେବାୟତଙ୍କୁ ନେଇ କେବଳ ଦେବନୀତି ସମ୍ପାଦନ କରାଯାଇଛି। ସକାଳେ ବଳପୁର ବାଲୁଙ୍କେଶ୍ୱର ଦେବ ବରାଳ ବାଲୁଙ୍କେଶ୍ୱରଙ୍କୁ ସାଗରସ୍ନାନ ଯାତ୍ରାକୁ ନିମନ୍ତ୍ରଣ କରିବାକୁ ବରାଳ ମନ୍ଦିରରେ ପହଞ୍ଚିଥିଲେ। ଠାକୁରମାନଙ୍କୁ ମୁକ୍ତିମଣ୍ଡପ ଭୋଗ କରାଯାଇଥିଲା। ବୀର କାହାଳୀ, ମହୁରୀ, ବାଜା, ଘଣ୍ଟ ମର୍ଦ୍ଦଳ, ସଂକୀର୍ତ୍ତନ ଏବଂ ହରିବୋଲ ହୁଳହୁଳି ଧ୍ୱନିଦେଇ ଦୁଇଟି ସୁସଜ୍ଜିତ ବିମାନରେ ଠାକୁର ଭାର୍ଗବୀ ନଦୀତଟସ୍ଥ ଭୃଗୁଘାଟକୁ ପଟୁଆରରେ ବିଜେ କରିଥିଲେ। ଚାରିଘରିଆ ସେବାୟତମାନେ ପବିତ୍ରତାର ସହ ନଦୀରୁ ଜଳ ସଂଗ୍ରହ କରିଥିଲେ। ଅଭିମନ୍ତ୍ରୀତ ଜଳରେ ଠାକୁରଙ୍କ ବାରୁଣି ସ୍ନାନନୀତି ସମାପନ କରାଯାଇଥିଲା। ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାୟକ. ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର, ବଳପୁର ଟ୍ରଷ୍ଟି ନିରଞ୍ଜନ ମହାପାତ୍ର, ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଗ୍ରାମବାସୀଙ୍କ ସହଯୋଗରେ ନିରାଡ଼ମ୍ବର ଭାବେ ସାଗରସ୍ନାନ ଅନୁଷ୍ଠିତ ହୋଇଥିଲା।



ଠାକୁରଙ୍କୁ ପଟୁଆରରେ ଅଣାଯାଉଛି।

# ବିବାହର ଘଣ୍ଟାଏ ପୂର୍ବରୁ କନ୍ୟା ଫେରାର

**ଅନ୍ୟତ୍ର ବିବାହ କରି ଘରକୁ ଫେରିଲେ ବର**

ଗୋପ,୮।୪(ଡି.ଏନ୍.ଏ.)

ବିବାହ କରି ନୂଆ ସଂସାର ଗଢ଼ିବାକୁ ଆଶା ରଖିଥିଲେ ବର। ଏଥିପାଇଁ ସବୁପ୍ରକାର ନୀତି କାର୍ଯ୍ୟ ସାରି ବର ସଜେଇ ହୋଇ ମଣ୍ଡପକୁ ଆସିଥିଲେ। ହେଲେ ବିବାହ ପାଇଁ କନ୍ୟାକୁ ଖୋଜା ପଡ଼ିଥିବାବେଳେ ମୁହୂର୍ତ୍ତର ଠିକ୍ ଘଣ୍ଟାଏ ପୂର୍ବରୁ କନ୍ୟା ଫେରାର ହୋଇଯାଇଥିବା ଶୁଣିଥିଲେ। ଏହି କଥା ଶୁଣି ବରପକ୍ଷ ଘରର ସମସ୍ତେ ଆଶ୍ଚର୍ଯ୍ୟ ହୋଇ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଶେଷରେ ବର ଅନ୍ୟତ୍ର ଏକ ଝିଅକୁ ବିବାହ କରି ଘରକୁ ଫେରିଛି। ଏଭଳି ଅସ୍ୱାଭାବିକ ଘଟଣା ପୁରୀ ଜିଲା ଗୋପ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଏହି ଥାନା ଅଧୀନ ବେଣୀପୁର ଗ୍ରାମର ଜଣେ ଯୁବକଙ୍କ ବିବାହ କଟକ ଜିଲା ଅନ୍ତର୍ଗତ ଅଡଶପୁର ନିକଟସ୍ଥ ଏକ ଗ୍ରାମରେ ହେବାକୁ ସ୍ଥିର ହୋଇଥିଲା। ବିବାହ ତାରିଖ ଧାର୍ଯ୍ୟ ହେବା ପରେ ବୁଧବାର ସକାଳ ୭ଟା ବେଳେ ଯୁବକ ଜଣଙ୍କ ବାଡୁଅ ପାଣିରେ ଗାଧୋଇ ନୀତିରୀତି ଅନୁସାରେ ପରିବାର ସହ ବରବେଶ ସାଜି ବିବାହ ପାଇଁ ଯାଇଥିଲେ। ପୂର୍ବ ନିଷ୍ପତ୍ତି ଅନୁସାରେ ଅଡ଼ଶପୁର ନିକଟସ୍ଥ ଏକ ମନ୍ଦିରରେ ବିବାହ ହେବାର ଥିବାରୁ ବର ସହିତ ପରିବାର ବର୍ଗ ମଧ୍ୟ ସେଠାରେ ପହଞ୍ଚି ଥିଲେ। ମାତ୍ର ବିବାହ ହେବାର ଥିବା ମନ୍ଦିର ନିକଟରେ କନ୍ୟା ପକ୍ଷର କେହି ନ ଥିବାରୁ ବରପକ୍ଷଙ୍କ ସନ୍ଦେହ ହୋଇଥିଲା। ଦୀର୍ଘ ସମୟ ଅପେକ୍ଷା ପରେ ବର ଶୁଣିବାକୁ ପାଇଲେ ଯେ କନ୍ୟା ଫେରାର ହୋଇଯାଇଛନ୍ତି। ଏହି କଥା ସମସ୍ତଙ୍କୁ ଚକିତ କରିଥିବାବେଳେ ବର ବେଶରେ ଥିବା ବର ମଧ୍ୟ ମନୋବଳ ଭାଙ୍ଗିଯାଇଥିଲା। ପରେ ବର ଶିଶୁପାଳ ହୋଇ ଫେରିବା ନେଇ ଦୀର୍ଘ ଘଣ୍ଟା ଆଲୋଚନା ହେବାପରେ ବନ୍ଧୁବାନ୍ଧବ ଭିତରେ କନିଆଁ ଖୋଜା ଆରମ୍ଭ ହୋଇ ଶେଷରେ ଆଉ ଜଣେ କନ୍ୟାଙ୍କୁ ସନ୍ଧ୍ୟାରେ ବିବାହ କରି ଗାଁକୁ ଫେରିଥିଲେ। ଏପରି ଏକ ଘଟଣା ଏବେ ଗୋପ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପଟେ ବର ଆଉ ଜଣଙ୍କୁ ବିବାହ କରି ସଂସାର ଗଢ଼ି ଥିବାରୁ ଭଗବାନଙ୍କ ସବୁ ଲୀଳା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଗ୍ରାମବାସୀଙ୍କ ଅଭିଯୋଗ ପରେ କ୍ରୀଡ଼ାମନ୍ତ୍ରୀଙ୍କ ପଦକ୍ଷେପ

ଅସ୍ତରଙ୍ଗ/କାକଟପୁର, ୮।୪(ଡି.ଏନ୍.ଏ.)

କାକଟପୁର-କୋଣାର୍କ ମୁଖ୍ୟ ରାସ୍ତାର ଆନନ୍ଦ ବଜାର ନିକଟରେ ରାସ୍ତାଅଙ୍କା ବଙ୍କା, ସଂକୀର୍ଣ୍ଣ ହୋଇଯାଇଥିଲା। ଫଳରେ ବାରମ୍ବାର ଏହି ଜାଗାରେ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଗ୍ରାମବାସୀ ଓ ବାଙ୍ଗୁରୀଗାଁ ଲୋକ ପ୍ରତିନିଧିମାନେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତ ବେହେରାଙ୍କୁ ଜଣାଇଥିଲେ। ବର୍ତ୍ତମାନ ରାସ୍ତା କାର୍ଯ୍ୟ ଚାଲୁଥିବାରୁ ମନ୍ତ୍ରୀ ବେହେରା ଘଟଣାସ୍ଥଳରେ ପହଞ୍ଚି ପୂର୍ତ୍ତବିଭାଗ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିବା ସହ ଅଙ୍କାବଙ୍କା ଥିବା ରାସ୍ତାକୁ ସିଧା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏପରିକି ନୂଆ ରାସ୍ତାପାଇଁ ଜମି ଛାଡିବାକୁ ରାଜିଥିବା ବ୍ୟକ୍ତିବିଶେଷଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ସ୍ଥାନରେ ଜଗନ୍ନାଥ ମନ୍ଦିର ରହିଥିବା ଏଂ ରଥଯାତ୍ରା ଓ ଅନ୍ୟ ପର୍ବପର୍ବାଣି ରେ ଭକ୍ତମାନଙ୍କ ଭିଡ ରହୁଥିବାବେଳେ ରାସ୍ତା ସିଧା ହୋଇଗଲେ ସମସ୍ୟା ସମାଧାନ ହୋଇପାରିବେ ବାଲି କହିଥିଲେ। ଆଲୋଚନାରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ତୁରନ୍ତ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

# ପୋଖରୀରୁ ସିକ୍ୟୁରିଟି ଗାର୍ଡଙ୍କ ମୃତଦେହ ଜବତ

କଣାସ,୮।୪(ସ୍ୱ.ପ୍ର./ଡି.ଏନ୍.ଏ.)

କଣାସ ଥାନା ଗଡ଼ସାହି ପଞ୍ଚାୟତ ଅନ୍ତର୍ଗତ ଦୟାବିହାରସ୍ଥିତ ସାମାଜିକ ଅନୁଷ୍ଠାନ ନୀଳାଞ୍ଚଳ ସେବା ପ୍ରତିଷ୍ଠାନରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡଙ୍କ ମୃତଦେହ ପରିସର ମଧ୍ୟରେ ଥିବା ଏକ ପୋଖରୀରୁ ଗୁରୁବାର ଜବତ ହୋଇଛି। ସେ ହେଲେ ଡେଲାଙ୍ଗ ଥାନା ଅଧୀନ ଟୋଲାପଡା ଗ୍ରାମର କୁନା ମହାପାତ୍ର। ଗୁରୁବାର ମଧ୍ୟାହ୍ନ ୧୨ଟାରେ ପ୍ରତିଷ୍ଠାନ ପରିସରରେ ଥିବା ପୋଖରୀରେ କୁନାଙ୍କ ମୃତଦେହ ଭାସୁଥିବାର ଅନ୍ୟ କର୍ମଚାରୀମାନେ ଦେଖିଥିଲେ। ତାଙ୍କୁ ଉଦ୍ଧାର କରି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କୁନାଙ୍କ ପରିବାର ଲୋକେ ଓ ପୋଲିସ ପହଞ୍ଚିଥିବାବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୭/୨୧) ରୁଜୁ କରି ତଦନ୍ତ ଚଳାଇଛି। ତେବେ ପୁଅର ମୃତ୍ୟୁକୁ ବାପା ଇନ୍ଦ୍ରମଣି ମହାପାତ୍ର ସହଜରେ ଗ୍ରହଣ କରିପାରୁ ନ ଥିବାବେଳେ ଏହାର ଅଧିକ ତଦନ୍ତ କରିବାକୁ ପୋଲିସ ନିକଟରେ ଦାବି କରିଛନ୍ତି। ଅନ୍ୟପଟେ କୁନାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡ଼ି ନାହିଁ।

# ୨ ମାମଲାରେ ୮ ଅଭିଯୁକ୍ତ ଗିରଫ

ପୁରୀ ଅଫିସ, ୮।୪

କୁମ୍ଭାରପଡ଼ା ଥାନା ପୋଲିସ ଗୁରୁବାର ଦାଦାବଟି ମାଗିବା ଅଭିଯୋଗରେ ରାମଚଣ୍ଡୀ ସାହି ଲେପ୍ରସି କଲୋନୀର ସୁଜିତ ଦାସଙ୍କୁ ଗିରଫ କରିଛି। ଏନେଇ କେସ୍ ନଂ ୧୧୪/୨୧ ରୁଜୁ ହୋଇଛି। ସେହିପରି ପୁରୀ ଜିଲା ଅବକାରୀ ବିଭାଗ ପକ୍ଷରୁ ଚନ୍ଦନପୁର ଓ ପେଣ୍ଟକଟା ଅଞ୍ଚଳରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ଜବତ କରାଯିବା ସହ ୭ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅମର ବେହେରା, ପ୍ରଦୀପ ଭୋଇ, ଅର୍ଜୁନ ଭୋଇ, ଜଳିଆ ବେହେରା, ଜଳନ୍ଧର ଭୋଇ, ଏ. ଜାଗାମା ଏବଂ ଏ. ମୋଟିମା।

# ସୂର୍ଯ୍ୟମନ୍ଦିରରେ କଟକଣା ସମୀକ୍ଷା କଲେ ଏସ୍‌ପି

କୋଣାର୍କ,୮।୪(ଡି.ଏନ୍.ଏ.)

ପର୍ଯ୍ୟଟନସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିରରେ ମାସ୍କ ଚେକିଂକୁ କଡ଼ାକଡ଼ି କରାଯାଇଛି। ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରୁ ଜିଲା ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ଗୁରୁବାର ଏସ୍‌ପି କେ. ବିଶାଲ ସିଂ ସୂର୍ଯ୍ୟ ମନ୍ଦିରରେ କୋଭିଡ୍ କଟକଣା ସମୀକ୍ଷା କରିଥିଲେ। ହସ୍ତଶିଳ୍ପ ବ୍ୟବସାୟୀଙ୍କୁ କଟକଣା ନିୟମ ମାନିବା ସହିତ ମାସ୍କ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂର୍ଯ୍ୟମନ୍ଦିର ମୁଖ୍ୟ ପ୍ରବେଶ ପଥରେ ମାସ୍କ ଚେଂକି କଡ଼ାକଡ଼ି କରାଯାଇଛି। କୋଣାର୍କ ପୋଲିସ ଓ କୋଣାର୍କ ଏନଏସି ପକ୍ଷରୁ ଗାଡିରେ ପ୍ରଚାର କରାଯାଇ ସମସ୍ତ ବ୍ୟବସାୟୀ ଓ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ଦୋକାନରେ ଅଯଥା ଭିଡ଼ ନ କରିବା ଦିଗରେ ପ୍ରଚାର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିମାପଡା ଏସ୍‌ଡିପିଓ ପ୍ରଦୀପ କୁମାର ଦଳାଇ, କୋଣାର୍କ ଥାନା ଆଇଆଇସି ରଞ୍ଜନ ମଲ୍ଲିକ, ହସ୍ତଶିଳ୍ପ ବ୍ୟବସାୟୀ ମହାସଂଘ ସଭାପତି ସୁବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ୫ ବର୍ଷ ହେଲା ଘରେ ବନ୍ଦୀ ବିଷ୍ଣୁପ୍ରସାଦ

କୋଣାର୍କ,୮।୪(ଡି.ଏନ୍.ଏ.)

ଗୋଟିଏ ଘର ଭିତରେ ୫ବର୍ଷ ହେଲା ବନ୍ଦୀ ଜୀବନ କାଟୁଛନ୍ତି ବିଷ୍ଣୁପ୍ରସାଦ ବେହେରା। ନା ହସଖୁସି ନା ଖୋଲା ଜୀବନ। ମାନସିକ ବିକାରଗ୍ରସ୍ତ ଯୋଗୁ ପରିବାର ଲୋକ ତାଙ୍କୁ ଗୋଟିଏ କୋଠରି ଭିତରେ ବନ୍ଦ କରି ରଖିଛନ୍ତି। କୋଣାର୍କ ଥାନାନ୍ତର୍ଗତ ନଳକଣ ଗ୍ରାମର ଗଙ୍ଗାଧର ବେହେରାଙ୍କ ପୁଅ ବିଷ୍ଣୁ(୪୦ବର୍ଷ)ମାନସିକ ଭାବେ ବିକାର ଗ୍ରସ୍ତ। ରୋଗ ବିଷୟରେ ଜଣାପଡିବା ପରେ ତାଙ୍କ ବାପା ବିଷ୍ଣୁଙ୍କ ଚିକିତ୍ସା ପାଇଁ କଟକ ବଡ ମେଡିକାଲ ନେଇଥିଲେ। ଡାକ୍ତର ତାଙ୍କୁ ଔଷଧ ଦେଇ ଘରକୁ ଫେରାଇ ଦେଇଥିଲେ। ଘରେ ରହି ବିଷ୍ଣୁଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ବିଷ୍ଣୁ କିଛି ଦିନ ଔଷଧ ଖାଇବା ପରେ ପରେ ଆଉ ଖାଇ ନ ଥିଲେ। ଫଳରେ ଧୀରେ ଧୀରେ ମାନସିକ ହରାଇବା ସହ ଘର ଭିତର ଆସବାବପତ୍ର ଫିଙ୍ଗା ଫୋପଡ଼ା କରି ସମସ୍ତଙ୍କୁ ମାରଧର କରିଥିଲେ। ପୁଅର ଏଭଳି ଅବସ୍ଥା ଦେଖି ପରିବାର ଲୋକେ ବହୁତ ଭାଙ୍ଗି ପଡ଼ିଥିଲେ। କିଛିଦିନ ପରେ ବିଷ୍ଣୁ ଘରୁ ବାହାରି କୋଣାର୍କ-ପୁରୀ ବେଳାମାର୍ଗ ଗରୁଡ଼େଶ୍ୱର ମନ୍ଦିର ନିକଟରେ ରହିଥିଲେ। ସେଠାରେ କିଛି ବର୍ଷ ରହି ପୁଣି ପୂର୍ବଭଳି ବ୍ୟବହାର କଲେ। ବିଷ୍ଣୁଙ୍କ ଏଭଳି ଆଚରଣରେ ମନ୍ଦିର ସେବାୟତମାନେ ତାଙ୍କୁ ଘରେ ଛାଡ଼ି ଦେଇଗଲେ। ସେହିଦିନଠାରୁ ପୁଅକୁ ପରିବାର ଲୋକେ ଘର ଭିତରେ ବନ୍ଦ କରି ରଖିଲେ। ଖାଇବା ସମୟ ହେଲେ ଝରକା ପାଖରେ ଖାଇବାକୁ ଦିଆଯାଏ। ଘର ଭିତରେ ଗୋଟିଏ ଖଟିଆ ପଡିଛି। ଖାଇବାଠାରୁ ଆରମ୍ଭ କରି ନିତ୍ୟକର୍ମ ସବୁ ସେଇ ଗୋଟିଏ ଘର ଭିତରେ। ଏ ସମ୍ପର୍କରେ ବିଷ୍ଣୁଙ୍କ ବାପା ଓ ମା କୁହନ୍ତି, ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବାରୁ ଆମେ ନିରୁପାୟ। ପୁଅର ନିଜର ନିୟନ୍ତ୍ରଣ ସ୍ଥିତି ହରାଇଥିବାରୁ ଆମେ ବାଧ୍ୟ ହୋଇ ତାକୁ ଗୋଟିଏ ଘର ଭିତରେ ବନ୍ଦ କରି ରଖିଛୁ। ଯଦି କୌଣସି ସ୍ୱେଚ୍ଛାସେବୀ ସଂଗଠନ କିମ୍ବା ସରକାରଙ୍କ ପକ୍ଷରୁ ସହାୟତା ମିଳେ, ତେବେ ପୁଅର ଅବସ୍ଥା ଭଲ ହୋଇପାରେ ବୋଲି ମାବାପା ଆଶାବାଦୀ ଅଛନ୍ତି।



## ଅପହୃତ ଅଟୋ ଡ୍ରାଇଭର ଖୋର୍ଦ୍ଧା ଜଙ୍ଗଲରୁ ଉଦ୍ଧାର

ଭୁବନେଶ୍ୱର,(ବ୍ୟୁରୋ): ଖଣ୍ଡଗିରି ଛକରୁ ଜଣେ ଅଟୋଚାଳକଙ୍କୁ ମାଡ଼ମାରି ଅପହରଣ କରିନେବା ପରେ ତାଙ୍କୁ ମୁକ୍ତ ଜାମିନ୍ ରଖି ପରିବାର ଲୋକଙ୍କୁ ଟଙ୍କା ମାଗୁଥିଲେ। ଅଭିଯୋଗ ପରେ ମୋବାଇଲ୍ ଫୋନ୍ ଟ୍ରାକ୍ କରି ଖଣ୍ଡଗିରି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ନିକଟକ ଏକ ଜଙ୍ଗଲରୁ ଗିରଫ କରିବା ସହ ଅପହୃତ ଡ୍ରାଇଭର ପ୍ରେମାନନ୍ଦ ଖୁଣ୍ଟିଆଙ୍କୁ ଉଦ୍ଧାର କରିଛି। ଗିରଫ ଅପହର୍ତ୍ତା ଜଣକ ହେଲେ ପାତ୍ରପଡ଼ା ଅଞ୍ଚଳର ଅଶୋକ କୁମାର ଜେନା। ଘଟଣାରେ ସମ୍ପୃକ୍ତ ଅନ୍ୟ ୩ଜଣ ଅଭିଯୁକ୍ତ ଫେରାର ହୋଇଥିବାରୁ ସେମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।



**ସଂକ୍ଷେପରେ**

## ମା'ପୁଅ ହତ୍ୟା ମାମଲାରେ ୩ ଗିରଫ

ବାଲୁଗାଁ,୮।୪(ଡି.ଏନ୍.ଏ.): ଯୌତୁକ ପାଇଁ ବୋହୂ ଏବଂ ୩ବର୍ଷର ନାତିକୁ ହତ୍ୟା ମାମଲାରେ ବାଲୁଗାଁ ପୋଲିସ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଆଙ୍ଗୁଲାଚଟି ହରିଜନ ସାହିର ଶ୍ୱଶୁର ଭାଗୀରଥି ନାୟକ, ଶାଶୁ ବିଦୁ ନାୟକ ଏବଂ ଯାଆ ପୂଜା ନାୟକ। ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ଯୌତୁକ ଅର୍ଥ ପାଇଁ ଶାଶୁ ଘର ଲୋକେ ମିଶି ବୋହୂ ଏବଂ ନାତିକୁ ହତ୍ୟା କରିଥିବା ନେଇ ବାପଘର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ୩ଜଣ ଅଭିଯୁକ୍ତଙ୍କୁ ଗିରଫ ହୋଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ଜଣାପଡ଼ିଛି।

## ମହିଳାଙ୍କୁ ପ୍ରତାରଣା ଅଭିଯୋଗ

ବେଗୁନିଆ,୮।୪(ଡି.ଏନ୍.ଏ.): ବେଗୁନିଆ ଥାନା ପରିଛଳ ନିକଟ ଜାମୁସାହି ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ପ୍ରତାରଣା କରୁଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ଏଥିସହ ତାଙ୍କୁ ଓ ତାଙ୍କର ୭ବର୍ଷ ଶିଶୁପୁତ୍ରକୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ମହିଳା ଜଣଙ୍କର ଉକ୍ତ ଗ୍ରାମର ଜଣେ ଯୁବକଙ୍କ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ବିବାହର ପ୍ରଲୋଭନ ଦେଖାଇ ଯୁବକ ଜଣକ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ମହିଳା ଜଣକ ବିବାହ ପାଇଁ ବାରମ୍ବାର ଦାବି କରିବା ପରେ ଯୁବକ ଜଣକ ଏକ ମନ୍ଦିରରେ ତାଙ୍କୁ ବିବାହ କରିଥିଲେ। ମାତ୍ର କିଛି ଦିନ ପରେ ମହିଳାଙ୍କର ଏକ ଶିଶୁ ପୁତ୍ର ଜନ୍ମ ହୋଇଥିଲା। ଏବେ ତାଙ୍କ ସ୍ୱାମୀ ଜଙ୍କିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିବା ପାଇଁ ମସୁଧା ଚଳାଇଛନ୍ତି। ଏହା ଜାଣିବା ପରେ ମହିଳା ଜଣଙ୍କ ଶିଶୁପୁତ୍ରକୁ ଧରି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟସେବା ଶିବିର

କୃଷ୍ଣପ୍ରସାଦ,୮।୪(ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକ ଅଲଣ୍ଡା ପଞ୍ଚାୟତ ଅନ୍ତର୍ଗତ ତିଛିଣି ଗ୍ରାମରେ ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଗୃହପାଳିତ ପ୍ରାଣୀଙ୍କ ରୋଗ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ପ୍ରମୋଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରାଣୀ ଚିକିତ୍ସକ ଡା. ଦୟାନିଧି ବେହେରା, ପଦ୍ମ ଚରଣ ବିଶ୍ୱାଳ, ହେମନ୍ତ ମହାପାତ୍ର, ଝାଡେଶ୍ୱର ପ୍ରଧାନ ପ୍ରମୁଖ ୩ଶହରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧ ବଣ୍ଟନ କରିଥିଲେ। ଜିତେନ୍ଦ୍ରୀୟ ଜେନା, ଅଜୟ ମହାରଣା, ସୁଜିତ୍ ବେହେରା, ନିରଞ୍ଜନ ମହାରଣା, ସନ୍ତୋଷ ସେଠୀ ସହଯୋଗ କରିଥିଲେ।

## ଟିକାକରଣ ପାଇଁ ଖବରଦାତାଙ୍କ ଦାବିପତ୍ର

ଜଟଣୀ,୮।୪(ଡି.ଏନ୍.ଏ.): ଉତ୍କଳ ସାମ୍ବାଦିକ ସଂଘ, ଜଟଣୀ ଶାଖା ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ କରୋନା ଟିକାକରଣ ନିମନ୍ତେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ ସରୋଜ କୁମାର ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସରକାରଙ୍କ ପକ୍ଷରୁ ଆଗଧାଡ଼ିର କରୋନା ଯୋଦ୍ଧାଙ୍କୁ ଟିକା ଦିଆଯାଉଥିବା ବେଳେ ଏଯାବତ୍ ଗଣମାଧ୍ୟମ ପ୍ରତିନିଧିମାନେ ଏହି ଟିକାକରଣରୁ ବଞ୍ଚିତ ହୋଇଛନ୍ତି। ଖବରଦାତାଙ୍କ ନିମନ୍ତେ ରାଜ୍ୟ ସରକାର ଶୀଘ୍ର ଟିକାକରଣ ବ୍ୟବସ୍ଥା କରିବା ସହିତ ଦିନ ଧାର୍ଯ୍ୟ କରିବା ପାଇଁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପ୍ରଦୀପ୍ତ ମାର୍ଥା, ଦେବପ୍ରସାଦ ଦାଶ, ସୁରେନ୍ଦ୍ର ଶତପଥୀ, ହୃଷୀକେଶ ପାତ୍ର, ମମତା ବେହେରା, ବୀରକିଶୋର ବାରିକ, ସୁରେଶ ଛୋଟରାୟ, ସନ୍ତୋଷ ମହାପାତ୍ର, ପରେଶ ପଟ୍ଟନାୟକ, ପ୍ରଶାନ୍ତ ସାହୁ ଉପସ୍ଥିତ ଥିଲେ।

## ଜ୍ଞାନ ରାଇଜ ପୁସ୍ତକ ଉନ୍ମୋଚିତ

ଗୋପ,୮।୪(ଡି.ଏନ୍.ଏ.): ଗୋପ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇଙ୍କ ଦ୍ୱାରା ଲିଖିତ 'ଜ୍ଞାନ ରାଇଜ' ପୁସ୍ତକ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଯୁବ ସମାଜ ଓ ଶିଶୁମାନଙ୍କ ଭବିଷ୍ୟତ ଗଢ଼ିବା ଉପରେ ବୟୋଜ୍ୟେଷ୍ଠ ମା' ବାପାମାନେ ସଚେତନ ହେବା ସହିତ ଯୁବ ସମାଜ ଦୃଷ୍ଟି ଦେବାକୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୋପ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇଥିଲେ।

# ମେଡିକାଲ ପଛ ଜଙ୍ଗଲରେ ହାତୀ


ବନ କର୍ମଚାରୀମାନେ ହାତୀକୁ ଖୋଜୁଛନ୍ତି।


ହାତୀର ପାଦଚିହ୍ନ।

ଖୋର୍ଦ୍ଧା ଅଫିସ,୮।୪

- ଡାକବାଜି ଯନ୍ତ୍ରରେ ସଚେତନ କରାଯାଉଛି
- ହାତୀ ପାଦଚିହ୍ନ ଦେଖି ଗତିବିଧି ଉପରେ ନଜର

ଖୋର୍ଦ୍ଧା ବନାଞ୍ଚଳରେ ହାତୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଦୁଇ ଦିନ ପୂର୍ବେ ରାମଚଣ୍ଡୀ ଠାରେ ଏକ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଥିଲେ। ଏକ ହାତୀ ବୁଧବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ମେଡିକାଲ ପଛ କାଜୁ ଜଙ୍ଗଲକୁ ପଶି ଆସିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଗୁରୁବାର ସକାଳେ ବନ ବିଭାଗର ଏକ ୭ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଥିଲେ। ହାତୀ ଘଞ୍ଚ ଜଙ୍ଗଲକୁ ପଳାଇ ଯାଇଥିବାରୁ ବନ କର୍ମଚାରୀ ହାତୀକୁ ଠାବ କରିବାରେ ନାକେଦମ ହୋଇଯାଇଥିଲେ। ତେବେ ହାତୀ ପାଦ ଚିହ୍ନ ଦେଖି ହାତୀର ଗତିବିଧି ଉପରେ ଅନୁଧ୍ୟାନ କରିଥିଲେ। କର୍ମଚାରୀମାନେ ସକାଳ ୬ଟା ଠାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଜଙ୍ଗଲ ନିକଟରେ ପଇଁତରା ମାରିଥିଲେ। ମାତ୍ର ହାତୀର କୌଣସି ସନ୍ଧାନ ପାଇ ନ ଥିଲେ। କାଜୁ ଜଙ୍ଗଲରେ ହାତୀ ପଶିଥିବାରୁ କାଜୁ ସଂଗ୍ରହ ଲାଗି ନ ଯିବା ଲାଗି ବନ କର୍ମଚାରୀ ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସଚେତନ କରିଥିଲେ। ଏଥିସହ ଏହି ଅଞ୍ଚଳରେ ଯାତାୟାତ ନ କରିବା ଲାଗି ପରାମର୍ଶ ଦେଇଥିଲେ। ହାତୀକୁ ଦେଖିଲେ ତୁରନ୍ତ ବନ ବିଭାଗକୁ ଜଣାଇବାକୁ କହିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ହାତୀ ମେଡିକାଲ ପଛପଟ କାଜୁ ଜଙ୍ଗଲରେ ରହିଥିବା ଜଣାପଡିଛି। ଏନେଇ ବନ ବିଭାଗର ଜଣେ କର୍ମଚାରୀ କହିଛନ୍ତି, ଏକ ଟିମ୍ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ରାତି ସୁଦ୍ଧା ହାତୀକୁ ନିକଟ ଜଙ୍ଗଲକୁ ଛଡାଯିବା ବ୍ୟବସ୍ଥା କରାଯିବ। ବାରମ୍ବାର ହାତୀ ମେଡିକାଲ ଏବଂ ସହର ଭିତରକୁ ପଶି ଆସୁଥିବା ବେଳେ ବନ ବିଭାଗ କେବଳ ଉକ୍ତ ସମୟ ପର୍ଯ୍ୟନ୍ତ ହାତୀଙ୍କ ଗତିବିଧି ଉପରେ ନଜର ରଖୁଛନ୍ତି। ପରବର୍ତ୍ତୀ ସମୟରେ ବନ କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ସାଧାରଣରେ ଅଭିଯୋଗ ହୋଇଛି। ହାତୀ-ମଣିଷ ଲଢ଼େଇରେ ଉଭୟଙ୍କ ଜୀବନ ଯାଉଛି। ହାତୀ ନିୟନ୍ତ୍ରଣ ପ୍ରତି ଗୁରୁତ୍ୱ ଦେଉନ୍ତୁ। ଲୋକଙ୍କୁ ସଚେତନ କରାଯାଉଛି କହି ବନ ବିଭାଗ ଖସିଯିବାକୁ ଉଦ୍ୟମ କରୁଛି ବୋଲି ପରିବେଶପ୍ରେମୀ ଧନେଶ୍ୱର ବିଧାର କହିଛନ୍ତି।

# ଖସିପାରିବେନି କଟକଣା ଉଲ୍ଲଂଘନକାରୀ

ଜଟଣୀ,୮।୪(ଡି.ଏନ୍.ଏ.)


ବୈଠକରେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ଓ ଅନ୍ୟ ଅଧିକାରୀ।

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସରକାର ଏହାକୁ ରୋକିବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜଟଣୀ ପୌର କାର୍ଯ୍ୟାଳୟ ପରିସରରେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ନିୟମ ଉଲ୍ଲଂଘନକାରୀକୁ ଦଣ୍ଡ ବିଧାନ ସହିତ ସେମାନଙ୍କଠାରୁ ଜରିମାନା ଆଦାୟ କରିବା ପାଇଁ ସ୍ଥାନୀୟ ତହସିଲଦାର, ଥାନା ଅଧିକାରୀ, ବିଡିଓ ଏବଂ ପୌର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାସ୍କ ପରିଧାନ ନ କରି ଜରିମାନା ଦେଉଥିବା ବ୍ୟକ୍ତିଙ୍କୁ ପ୍ରଶାସନ ପକ୍ଷରୁ ମାସ୍କ ପ୍ରଦାନ ନିମନ୍ତେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ରାଜ୍ୟରୁ କିମ୍ବା ବିଦେଶରୁ ଆସୁଥିବା ସମସ୍ତ ବ୍ୟକ୍ତିଙ୍କ ତଥ୍ୟ ରଖିବା ସହ ଆଇସୋଲେଶନରେ ରଖି ସେମାନଙ୍କ କୋଭିଡ୍ ପରୀକ୍ଷା ପାଇଁ କହିଥିଲେ। ଶିକ୍ଷାନୁଷ୍ଠାନଗୁଡ଼ିକ ଯେପରି କୋଭିଡ୍ ଗାଇଡଲାଇନ ଉଲ୍ଲଂଘନ ନ କରନ୍ତି ସେଥିପ୍ରତି ଦୃଷ୍ଟି ଦେବା ପାଇଁ ଅଧିକାରୀଙ୍କୁ କହିଥିଲେ। ଡାକବାଜି ଯନ୍ତ୍ର ମାଧ୍ୟମରେ ଜନସଚେତନତା ଓ ଟିକାକରଣ ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ତହସିଲଦାର ତପନ ମହାପାତ୍ର, ବିଡିଓ ସରୋଜ ରାଉତ, ନିର୍ବାହୀ ଅଧିକାରୀ ଦିଲ୍ଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଅନିୟମିତତାର ତଦନ୍ତ ପାଇଁ ଦାବି

ଖୋର୍ଦ୍ଧା ଅଫିସ,୮।୪

ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକରେ ବିଭିନ୍ନ ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ସମିତି ସଭ୍ୟ ସନତ କୁମାର ସ୍ୱାଇଁ ଆସନ୍ତା ୧୨ତାରିଖରେ ବ୍ଲକ କାର୍ଯ୍ୟାଳୟ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଆମରଣ ଅନଶନରେ ବସିବେ ବୋଲି ଗୁରୁବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଏହି ବ୍ଲକରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରିତାରେ ବ୍ଲକ ଅଧ୍ୟକ୍ଷା ବାଧକ ସାଜିଛନ୍ତି। ସମସ୍ତ କାର୍ଯ୍ୟ ତାଙ୍କ ଇଙ୍ଗିତରେ ଚାଲିଛି। ବ୍ଲକ ସ୍ତରରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ଅର୍ଡର ପାସ କରିବା ଲାଗି ଜାଣିଶୁଣି ବିଳମ୍ବ କରୁଛନ୍ତି। ଦୀର୍ଘ ଦିନ ଧରି ନିଜ ପାଖରେ ଫାଇଲ ପକାଇ ରଖୁଛନ୍ତି। ଅଧ୍ୟକ୍ଷାଙ୍କ କଥାରେ ବ୍ଲକ କାର୍ଯ୍ୟାଳୟ ଚାଲିଛି। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ନିର୍ଦ୍ଦେଶନାମାକୁ ଉଲ୍ଲଘଂନ କରୁଛନ୍ତି। ଫଳରେ ବ୍ଲକର ବହୁ କାର୍ଯ୍ୟ ବନ୍ଦ ରହିଛି। ଏହାର ତୁରନ୍ତ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରା ନ ଗଲେ ସେ ଆମରଣ ଅନଶନରେ ବସିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ବ୍ଲକ ଅଧ୍ୟକ୍ଷା ସୁଚିତ୍ରା ଜେନାମଣି ଉପରୋକ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବ୍ଲକରେ ସମସ୍ତ ଯୋଜନା କାର୍ଯ୍ୟକାରୀ କରାଯାଉଛି ବୋଲି ସେ କହିଛନ୍ତି।

# ଗୋହତ୍ୟା ବନ୍ଦ ଆଇନ କାର୍ଯ୍ୟକାରୀ କରାଯାଉ

ଖୋର୍ଦ୍ଧା ଅଫିସ,୮।୪

ଓଡ଼ିଶାରେ ଗୋବଂଶ ବିଲୁପ୍ତ ହେବାକୁ ବସିଛି। ଦୈନିକ ମାଫିଆମାନେ ଜିଲାର ବିଭିନ୍ନ ସ୍ଥାନରୁ ଗୋରୁଙ୍କୁ ଓଡ଼ିଶା ଦେଇ ବାହାର ରାଜ୍ୟ ଏବଂ ବାଂଲାଦେଶକୁ ଚାଲାଣ କରୁଛନ୍ତି। ଦିନକୁ ଦିନ ଗୋବଂଶ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଗୋବଂଶର ସୁରକ୍ଷା ନେଇ ଗୁରୁବାର ଖୋର୍ଦ୍ଧା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ହିନ୍ଦୁ ସଂସ୍କୃତି ଓ ପରମ୍ପରାର ପ୍ରତୀକ ଭାରତୀୟ ଦେଶୀ ଗୋବଂଶ ହତ୍ୟା ବଢି ଚାଲିଛି। ଜିଲାର ବିଭିନ୍ନ ସ୍ଥାନରୁ ଗୋରୁଙ୍କୁ ଚାଲାଣ କରାଯାଉଛି। ଏଥିରୁ ସଂଗୃହୀତ ଅର୍ଥ ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ନିୟୋଜିତ ହେଉଛି। ଗୋବଂଶ ସୁରକ୍ଷା ନେଇ ସଂଘର୍ଷ କରୁଥିବା ଗୋଭକ୍ତଙ୍କୁ ହତ୍ୟା, ଆକ୍ରମଣ, ମିଥ୍ୟା କେସ୍‌ରେ ଛନ୍ଦି ଦିଆଯାଉଛି। ଜିଲା ପ୍ରଶାସନର ନିଷ୍କ୍ରିୟତାରୁ ଗୋଂବଶ ଲୋପ ପାଇବାକୁ ବସିଛି। ଗୋବଂଶର ସୁରକ୍ଷା ନେଇ ରାଜ୍ୟ ସରକାର ଗୋହତ୍ୟା ସମ୍ପୂର୍ଣ୍ଣ ବନ୍ଦ ଲାଗି ଆଇନ କାର୍ଯ୍ୟକାରୀ କରନ୍ତୁ। ପ୍ରତି ଜିଲାରେ ଗୋ ସଂରକ୍ଷଣ ପାଇଁ ଗୋଶାଳା ନିର୍ମାଣ, ଗୋ ଆଧାରିତ କୁଟୀର ଉଦ୍ୟୋଗ, ଗୋ ଆଧାରିତ ଜୈବିକ କୃଷି ପ୍ରଶିକ୍ଷଣ କେନ୍ଦ୍ର ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା।

## ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୮।୪(ଡି.ଏନ୍.ଏ.)

ମନ୍ଦାରବସ୍ତ ହାଟବଜାରସ୍ଥିତ ମା'ତାରିଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୂଜକ ଦିବନ୍ଧୁ ମହାପାତ୍ର, ଆଶିଷ ରଥ ଏବଂ ମନୋରଞ୍ଜନ ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦାନ କରିଥିଲେ। ସତ୍ୟରଞ୍ଜନ ପରିଡା, ଚିତ୍ତରଞ୍ଜନ ଛୁଆଳସିଂହ, ଦୀପକ କୁମାର ଗଜେନ୍ଦ୍ର, ଲଛମନ ନାୟକ, କୃଷ୍ଣା ରାଉତରାୟ, ଦେବରାଜ ପାଟ୍ଟଶାଣି, କନକ ପାଟ୍ଟଶାଣି, ଡୁଗୁଲା ଜୟସିଂହ, ବାବଜି ଜୟସିଂହ, ଉଗ୍ରେସନ କୋଦାଳସିଂହ, ଭଗବାନ ଗଜେନ୍ଦ୍ର, ସୌମ୍ୟରଞ୍ଜନ ପଧାନ ପ୍ରମୁଖ କାର୍ଯ୍ୟକମରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଛାତ୍ରୀ ମୃତ

ଯାଁଳା/ଜଟଣୀ,୮।୪(ଡି.ଏନ୍.ଏ.): ୧୬ନଂ. ଜାତୀୟ ରାଜପଥ ଖୋର୍ଦ୍ଧା ଜିଲା ତଳଖେତା ଛକ ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ରଘୁନାଥପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ଝିଅ ପ୍ରାଚୀ ପ୍ରିୟଦର୍ଶିନୀ। ସୂଚନା ମୁତାବକ, ପ୍ରାଚୀ ଓ ତାଙ୍କ ବାପା ବାଇକ୍‌ରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ତଳଖେତା ଛକ ନିକଟରେ କୌଣସି କାରଣରୁ ବାଇକରୁ ଖସି ପଡ଼ିଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଟ୍ୟାଙ୍କର ପ୍ରାଚୀଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଯାଁଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍ସ ହସ୍ପିଟାଲକୁ ପଠାଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

# ନଳକୂପ, ଜଳଯୋଗାଣ ପ୍ରକଳ୍ପ ଅଚଳ

କୃଷ୍ଣପ୍ରସାଦ, ୮।୪(ଡି.ଏନ.ଏ.)


କୂଅରୁ ପାଣି ନେବା ପାଇଁ ମହିଳାଙ୍କ ଭିଡ଼।

**ପାଣି ପାଇଁ କୁମାରପୁରବାସୀ ତହଲବିକଳ**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ରାମଲଙ୍କା ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କେବଳ କାଗଜକଲମରେ ଚାଲିଥିବା କୁମାରପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଚିଲିକା ଉପାନ୍ତ ଅଞ୍ଚଳ କୁମାରପୁର ଗାଁରେ ମଧୁର ଜଳ ସାତସପନ ହୋଇଛି। ଚିଲିକା କୂଳରେ କୁମାରପୁର ଗାଁର ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଚିଲିକା କୂଳ ଯୋଗୁ କୂଅ, ନଳକୂପ ଖୋଲିଲେ କେବଳ ଲୁଣି ପାଣି ବାହାରୁଛି। ଏଠାରେ ପ୍ରଶାସନ ପକ୍ଷରୁ ଖୋଳାଯାଇଥିବା ନଳକୂପ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଛି। ବାରମ୍ବାର ଦାବି ପରେ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ପକ୍ଷରୁ କୁମାରପୁରରେ ପାନୀୟଜଳ ଯୋଗାଣ ପାଇଁ ପାଇପ୍ ବିଛାଯାଇଥିଲା। ପରେ ଷ୍ଟାଣ୍ଡପୋଷ୍ଟ ବସିଲା। ଏଥିରୁ ପାଣି ମଧ୍ୟ ବାହାରିଲା। ଫଳରେ ଜଳକଷ୍ଟ ଦୂର ହେଲା ଭାବି ଲୋକେ ଖୁସି ହେଲେ। ମାତ୍ର ୧ମାସ ପରେ ଧୀରେ ଧୀରେ ପାଣି ବାହାରିବା ବନ୍ଦ ହୋଇଗଲା। ପ୍ରାୟ ୧ ବର୍ଷ ଧରି ପାଇପ୍ ପାଣି ସ୍ୱପ୍ନ ପାଲଟିଛି। ଗାଁକୁ ଆଉ ପାଣି ଯୋଗାଣ ହେଉନାହିଁ। ଓ୍ୱାର୍ଡମେମ୍ବରଙ୍କଠାରୁ ବିଡିଓଙ୍କ ପର୍ଯ୍ୟନ୍ତ ଜଣାଇଥିଲେ ମଧ୍ୟ ନିରାଶ ହେବାକୁ ପଡ଼ିଲା। ତେଣୁ ଗାଁରେ ଥିବା ଏକ କୂଅରୁ ଅପରିଷ୍କାର ପାଣି ପିଉଛୁ ବୋଲି ଗ୍ରାମ ସଭାପତି ମୋତିରାମ ବେହେରା କହିଛନ୍ତି। ଦୁଃଖୀ ବେହେରା, ପଦ୍ମାବତୀ ବେହେରା, ମଙ୍ଗୁଳି ଦାସ, ଜମୁ ବେହେରା, ଜାନକୀ ଦାସ, ଅର୍ଜୁନ ବେହେରା ଏବଂ ରାଜେଶ ବେହେରା କହିଛନ୍ତି, ଆମେ କ'ଣ ସରକାରଙ୍କ ସାବତ ସନ୍ତାନ କି? ଆମ କ୍ଷେତ୍ରରେ କାହିଁକି ଏଭଳି ପାତରଅନ୍ତର କରାଯାଉଛି। ସେହିପରି ରମାମଣି ବେହେରା, ରୀନା ଦାସ, ଆରତି ବେହେରା ଓ ଗାନ୍ଧୀ ବେହେରା କହିଛନ୍ତି, ଆମ ଗାଁକୁ ପିଇବା ପାଣିର ବ୍ୟବସ୍ଥା କରା ନ ଗଲେ ଆମେ ଗରା, ବାଲ୍‌ଟି ନେଇ ରାଜରାସ୍ତାରେ ବସିବୁ। ଅନ୍ୟପକ୍ଷରେ ପାଣି ସମସ୍ୟାର ସମାଧାନ ଖୁବଶୀଘ୍ର କରାଯିବ ବୋଲି ରାମଲଙ୍କା ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ବିପିନ ମଙ୍ଗରାଜ କହିଛନ୍ତି, କୁମାରପୁର ଗାଁରେ ପାଣିପାଇପ ଭାଙ୍ଗିପଡ଼ିଛି। ଅର୍ଥ ଅଭାବରୁ ମରାମତି ହୋଇପାରୁନାହିଁ। ତେବେ ଏ ଦିଗରେ ଶୀଘ୍ର ପଦକ୍ଷେପ ନିଆଯିବ।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ପ୍ରସନ୍ନ


@ ଜ୍ୟୋତି


@ ମଞ୍ଜୁଲତା


@ ତୋଫାନ


@ ସୁଧୀର


@ ଚନ୍ଦନ


@ ଆକାଶ

## ସୌମେନ୍ଦ୍ର ଥିଲେ ଉଦୀୟମାନ ଯୁବ ପ୍ରତିଭା

ନିରାକାରପୁର,୮।୪(ଡି.ଏନ୍.ଏ.)

ଉଦ୍‌ଯୋଗ ସହ ସମାଜସେବା ପାଇଁ ନିଷ୍ଠା ଓ କଳା-ସଂସ୍କୃତି ସୁରକ୍ଷା ପାଇଁ ଆନ୍ତରିକତା ସୌମେନ୍ଦ୍ରଙ୍କୁ ଜଣେ ଭିନ୍ନ ମଣିଷ ଭାବେ ଗଢି ତୋଳିଥିଲା। ଖୋର୍ଦ୍ଧା ଜିଲା ଜଙ୍କିଆ-ବାଲିଗାଡ଼ିଆର ଉଦୀୟମାନ ଯୁବପ୍ରତିଭା ସୌମେନ୍ଦ୍ର ସାମନ୍ତରାୟଙ୍କ ବିୟୋଗର ଶୂନ୍ୟତା ଅପୂରଣୀୟ ରହିବ। ତେବେ ତାଙ୍କ କର୍ମମୟ ଜୀବନ ଯୁବ ସମାଜକୁ ସର୍ବଦା ପ୍ରେରିତ କରିବ ବୋଲି ଏକାଦଶାହ ସ୍ମୃତିଚାରଣ ସଭାରେ ମତପ୍ରକାଶ ପାଇଥିଲା। ପୂର୍ବତନ ପ୍ରଶାସକ ସହଦେବ ଜୟସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ମୃତିସଭାରେ ଅତିଥିଭାବେ ବେଗୁନିଆ-ବୋଲଗଡ଼ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ବରିଷ୍ଠ ଭାଜପା ନେତା କାଳୁ ଚରଣ ଖଣ୍ଡୟତରାୟ ପ୍ରମୁଖ ଯୋଗଦେଇ ସୌମେନ୍ଦ୍ରଙ୍କ ସ୍ମୃତି ରକ୍ଷା ପାଇଁ ଉଦ୍ୟମ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହଟନାଥ ମଙ୍ଗରାଜ, ଯତୀନ ମହାନ୍ତି, ପ୍ରଦ୍ୟୁମ୍ନ ଶତପଥୀ, ଦେବରାଜ ସେନାପତି, ଇଂ.ଶିଶିର ନାୟକ, ପ୍ରଦୀପ ବିଶ୍ୱାଳ, ସନ୍ତୋଷ ସାହୁ, ଡ.ମୃତ୍ୟୁଞ୍ଜୟ ରଥ, ବିପିନ ଜୟସିଂହ, ପ୍ରାଣେଶ୍ୱର ଜୟସିଂହ, ଶଙ୍କର୍ଷଣ ପ୍ରଧାନ, ଦୀପ୍ତିରଞ୍ଜନ ପାଇକରାୟ, ଲକ୍ଷ୍ମୀ ପ୍ରସାଦ ସାହୁ, ବୀରେନ ପଟ୍ଟନାୟକ, ପଦ୍ମଚରଣ ସାହୁ, ପୁଷ୍ପମଞ୍ଜରୀ ବିଶ୍ୱାଳ, ସୁରେନ୍ଦ୍ର ନାଥ ଜେନା ପ୍ରମୁଖ ସୌମେନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। କମଳେଶ ମହାରଣା ଓ ଜ୍ଞାନନନ୍ଦ ସାଗର ସଭା ସଞ୍ଚାଳନ କରିଥିବାବେଳେ ସରପଞ୍ଚ ରାଜେନ୍ଦ୍ର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।